ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 206
- Wednesday, 28 October 2026
- ବୁଧବାର, ୨୮ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

Ministry of Home Affairs
Government of India

CBC 19101/13/0021/2627

ସବୁ ରାଷ୍ଟ୍ର ମଧ୍ୟରେ
ଯଶସ୍ୱୀ ଆମ ରାଷ୍ଟ୍ର

ଆଭ୍ୟନ୍ତରଣ
ସୁରକ୍ଷାବାହିନୀଙ୍କୁ ସଲାମ

ଗୋଟିଏ ସ୍ଥାନରେ, ଦେଖିବା
ଏକତାରେ ଅନେକ ରଙ୍ଗ

Rashtriya Ekta Diwas
31st OCTOBER, 2026

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ



ଶ୍ରୀ ନରେନ୍ଦ୍ର ମୋଦି
ମାନନୀୟ ପ୍ରଧାନମନ୍ତ୍ରୀ



ଅଧିକ ସୂଚନା ଓ ରହଣୀ ବୁକିଂ ପାଇଁ ସ୍କାନ କରନ୍ତୁ ଅବା ପରିଦର୍ଶନ କରନ୍ତୁ
rashtriyaektadiwas.com

## ମାଲକାନଗିରିରେ ବ୍ୟାପକ ସ୍ଥାନାନ୍ତର ଓ ସୁରକ୍ଷା

- ସ୍ଥିତି ପରଖିଲେ ମନ୍ତ୍ରୀ
- ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର
- ୫ ଓଡ୍ରାଫ୍ ଟିମ୍, କାଳିମେଳାରେ ଏନଡିଆରଏଫ ଟିମ୍
- ଜରୁରୀକାଳୀନ ସହାୟତା ପାଇଁ ଫୋନ୍ ନମ୍ବର ୦୬୮୬୨-୨୩୨୩୭୩

ମାଲକାନଗିରି, ୨୭।୧୦: ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ମୁକାବିଲା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ଜିଲ୍ଲାରେ ଶୂନ୍ୟ ଜୀବନହାନି ଲକ୍ଷ୍ୟ ନେଇ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମାଧ୍ୟମରେ ୧,୦୦୧ ଜଣ ବିପନ୍ନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଜରୁରୀକାଳୀନ ମୁକାବିଲା ପାଇଁ ଚିତ୍ରକୋଣ୍ଡା ଓ ମାଥିଲି ବ୍ଲକ୍ ରେ ୫ଟି ଓଡ୍ରାଫ୍ ଟିମ୍, କାଳିମେଳାରେ ୧ଟି ଏନଡିଆରଏଫ ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲକାନଗିରି ଗସ୍ତ କରି ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କରିଛନ୍ତି। ସେ ମାଥିଲି ବ୍ଲକର ତୁଙ୍ଗିଆପୁଟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବରିଷ୍ଠ ଆଇଏଏସ ଅଫିସର ଡ. ଯେଦୁଲା ବିଜୟ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଉପସ୍ଥିତିରେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି। ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। ସଡ଼କ ପରିବହନ ବାଧାପ୍ରାପ୍ତ ହେଲେ ତୁରନ୍ତ ବିକଳ୍ପ ରୁଟ୍ ବ୍ୟବହାର ପାଇଁ ଆରଟିଓ ପକ୍ଷରୁ ମାଷ୍ଟର ରୁଟ୍ ପ୍ଲାନ୍ ଚୂଡ଼ାନ୍ତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ପାଇଁ ଫୋନ୍ ନମ୍ବର ୦୬୮୬୨-୨୩୨୩୭୩, ଟୋଲ୍ ଫ୍ରି ନମ୍ବର ୧୦୭୭ ଏବଂ ଇମେଲ୍ deemgmkg@gmail.com ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଜନସାଧାରଣ ଆଦୌ ଭୟଭୀତ ନହୋଇ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ସମୁଦ୍ରରୁ ସ୍ଥଳଭାଗ ଗର୍ଜୁଛି 'ଅର୍ଣ୍ଣବ'



- କାକିନାଡ଼ା ଉପଡ଼ା ସମୁଦ୍ରକୂଳର ଦୃଶ୍ୟ ଭୟଙ୍କର
- ଆନ୍ଧ୍ରରେ ୫୦ରୁ ଅଧିକ ଟ୍ରେନ ବାତିଲ
- ରେଡ ଆଲର୍ଟରେ ଗଂଜାମ, ଗଜପତି
- ମାଲକାନଗିରିରେ ଅଧିକ ପ୍ରଭାବ

ଭୁବନେଶ୍ୱର, ୨୭।୧୦ : ବାତ୍ୟା ଅର୍ଣ୍ଣବ ପ୍ରଭାବ ଆରମ୍ଭ ହୋଇଯାଇଛି। ଏହାର ଆଖିର ବ୍ୟାସ ରହିଛି ୧୪ କିମି। ସମୁଦ୍ରରୁ ସ୍ଥଳଭାଗ ଗର୍ଜୁଛି 'ଅର୍ଣ୍ଣବ'। ଥରୁଛି ଉପକୂଳ। ବୁଧବାର ରାତି ୨ଟାରୁ ୪ଟା ମଧ୍ୟରେ ବାତ୍ୟା ଆନ୍ଧ୍ର ଉପକୂଳ ଛୁଉଁଥିବା ନେଇ ଭାରତୀୟ ପାଣିପାଗ ବିଭାଗର ସୂଚନା। ଲ୍ୟାଣ୍ଡଫଲ୍ ସମୟରେ ପବନର ସାଧାରଣ ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିଲୋମିଟର ରହିବାକୁ ଥିବା ବେଳେ, ଏହାର ସର୍ବୋଚ୍ଚ ବେଗ ବା ଝଟକା ୧୫୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ପହଞ୍ଚିବା ସୂଚନା ରହିଛି। ସମୁଦ୍ରରେ ୫ ମିଟରରୁ ଅଧିକ ଉଚ୍ଚତାର ଜୁଆର ଉଠିପାରେ। ତେଣୁ ସମୁଦ୍ର ଅଶାନ୍ତ ରହିବ। ଲ୍ୟାଣ୍ଡଫଲ ପୂର୍ବରୁ ପ୍ରଭାବ ଦେଖାଇଛି ଅର୍ଣ୍ଣବ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି। ଖୋର୍ଦ୍ଧା, ନୟାଗଡ, କଟକ ଓ ଜଗତସିଂହପୁରରେ ବର୍ଷା ଜାରି ରହିଛି । ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶାର ତିଆଳିଆ/ଉପକୂଳିଆ ଜିଲ୍ଲାଗୁଡ଼ିକରେ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଆନ୍ଧ୍ରରେ ୫୦ରୁ ଅଧିକ ଟ୍ରେନ ବାତିଲ ହୋଇଛି। ଆନ୍ଧ୍ରପ୍ରଦେଶରେ ୨ ଦିନ ପାଇଁ ସ୍କୁଲ-କଲେଜ ବନ୍ଦ ରହିଥିବା ବେଳେ ଓଡ଼ିଶାର ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକରେ ମଧ୍ୟ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି। ବାତ୍ୟା ପ୍ରଭାବ ନେଇ ସତର୍କ କରାଇଛନ୍ତି ଭାରତୀୟ ପାଣିପାଗ ବିଭାଗ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ଯାହା ସୂଚନା ମିଳିଛି ବର୍ଷା, ପବନ ଓ ଜୁଆର ମାଡ଼ରେ ବଡ଼ କ୍ଷତି ଘଟିବାର ସମ୍ଭାବନା ରହିଛି। ରେଳ, ବିମାନ, ସଡ଼କ ପଥରେ ଯାତାୟାତ ପ୍ରଭାବିତ ହେବ। ବଡ଼ ଗଛ ଭାଙ୍ଗିବ, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବ।ଦକ୍ଷିଣ ଓଡ଼ିଶାରେ ୬୦ରୁ ୮୦ କିମି ପର୍ଯ୍ୟନ୍ତ ପବନ ବହିବ। ଅର୍ଣ୍ଣବ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ୨୮ ଓ ୨୯ ତାରିଖ ଦିନ ସମୁଦ୍ର ଭିତରକୁ ପ୍ରବେଶ କରିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗଂଜାମ ଓ ଗଜପତିକୁ ରେଡ୍ ଆଲର୍ଟ କରାଯାଇଛି। ୬ ଜିଲ୍ଲା ମାଲକାନଗିରି, ନବରଙ୍ଗପୁର,କୋରାପୁଟ, ରାୟଗଡ଼ା, ଗଜପତି ଓ ଗଂଜାମରେ ବର୍ଷା ତାଣ୍ଡବ ରଚନା କରିବ। କାକିନାଡ଼ା ଉପଡ଼ା ସମୁଦ୍ରକୂଳର ଦୃଶ୍ୟ ଭୟଙ୍କର ଦେଖାଯାଉଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟନମ୍ ଠାରେ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ସହରର କିଛି ଅଞ୍ଚଳରେ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି।

## ବାତ୍ୟା ପାଇଁ ୯ ଜିଲ୍ଲାରେ ୨ ଦିନ ଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର, ୨୭।୧୦: ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ନଜରରେ ରଖି ୯ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି । ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରେ ଆଜି ଓ ଆସନ୍ତାକାଲି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ। କଟକ ଜିଲ୍ଲାରେ ଆସନ୍ତାକାଲି ପାଇଁ ସେହିପରି କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆଜିଠୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ପାଇଁ ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ପୁରୀରେ ୨ ଦିନ ଶିକ୍ଷାନୁଷ୍ଠାନ ବନ୍ଦ। ଆଜି ଓ ଆସନ୍ତାକାଲି ବନ୍ଦ ରହିବ ସ୍କୁଲ ଓ କଲେଜ। ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି। ନୟାଗଡ଼ରେ ମଧ୍ୟ ଦୁଇ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ପୁରୀରେ ୨ ଦିନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଆଜି ଅପରାହ୍ଣ ୧ଟାରୁ କାଲି ପର୍ଯ୍ୟନ୍ତ ଖୋର୍ଦ୍ଧାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି।

## ବିହାର କ୍ୟାଡରକୁ ଯିବେ ସଞ୍ଜୟ କୁମାର ସିଂ



ଭୁବନେଶ୍ୱର, ୨୭।୧୦: ୧୯୯୭ ବ୍ୟାଚ୍ ଆଇଏଏସ୍ ତଥା ପୂର୍ବ ସଚିବ ସଞ୍ଜୟ କୁମାର ସିଂ ଖୁବ୍‌ଶୀଘ୍ର ଓଡ଼ିଶା ଛାଡ଼ିବେ। ପୁଣି ନିଜ ଗୃହ ରାଜ୍ୟ ବିହାର କ୍ୟାଡ଼ରକୁ ଯିବେ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଅକ୍ଟୋବର ୨୨ତାରିଖରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଭିଜିଲାନ୍ସ ରିପୋର୍ଟ ମାଗିବା ପରେ ଆଇଏଏସ୍ ଶ୍ରୀ ସିଂ ଇଣ୍ଟର କ୍ୟାଡ଼ର ଡେପୁଟେସନରେ ବିହାର ଯିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ସୂଚନା ଅନୁସାରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ(ଡିଓପିଟି)ର ଅନୁସଚିବ ରୂପେଶ କୁମାର ଅକ୍ଟୋବର ୨୨ତାରିଖରେ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଆଇଏଏସ୍ ସଞ୍ଜୟ କୁମାର ସିଂହଙ୍କର ଓଡ଼ିଶାରୁ ବିହାରକୁ ଇଣ୍ଟର କ୍ୟାଡ଼ର ଡେପୁଟେସନ୍ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି। ତାଙ୍କର ଡେପୁଟେସନ୍ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ସଦ୍ୟତମ ଭିଜିଲାନ୍ସ କ୍ଲିୟରାନ୍ସ ବା ଭିଜିଲାନ୍ସ ସ୍ଥିତି ଓ ସର୍ବଶେଷ ସ୍ଥାବର ସମ୍ପତ୍ତି ବିବରଣୀ (ଆଇପିଆର) ଫାଇଲିଂର ରିପୋର୍ଟ ଅତ୍ୟନ୍ତ ଜରୁରୀ ଭାବେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

## ୮ ଆଇଏଏସଙ୍କ ମଧ୍ୟରେ ଅଦଳବଦଳ

### ପୋମା ଟୁଡୁ କୃଷି ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୭।୧୦: ୮ ଜଣ ଆଇଏଏସଙ୍କ ମଧ୍ୟରେ ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର । ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଜାରି ବିଜ୍ଞପ୍ତି ଅନୁସାରେ ପୋମା ଟୁଡୁ ହେଲେ କୃଷି ବିଭାଗ ନିର୍ଦ୍ଦେଶକ । ଏଥିସହ କାଜୁ ଉନ୍ନୟନ ନିଗମ ଏମଡି ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସଂଗ୍ରାମ କେଶରୀ ମହାପାତ୍ର ହେଲେ ଉତ୍ତରାଞ୍ଚଳ ରେଞ୍ଜ ଆରଡିସି । ଏଥିସହ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ।ଶୁଭମ ସାକ୍ସେନାଙ୍କୁ ବିଡିଏର ଉପାଧ୍ୟକ୍ଷ, ବିଜୟ ଅମୃତ କୁଲାଙ୍ଗେଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜ ଆରଡିସି, ଗାଭାଲି ପରାଗ ହର୍ଷଦଙ୍କୁ ଏନଏଚଏମ ଏମଡି ,ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପ୍ରଣତି ଛୋଟରାୟ ହେଲେ ଓମଫେଡ ଏମଡି । ଶୁଭ୍ର କୁମାର ପଣ୍ଡାଙ୍କୁ ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ୮ ଜିଲ୍ଲାରୁ ୪୮ ହଜାରରୁ ଅଧିକ ସ୍ଥାନାନ୍ତର

# ପ୍ରସ୍ତୁତି ପାଇଁ ଏସଡିଆରଏଫରୁ ୧୯ କୋଟି ପ୍ରଦାନ

ଭୁବନେଶ୍ୱର, ୨୭।୧୦ : ବାତ୍ୟା ଅର୍ଣ୍ଣବ ପାଇଁ ଓଡ଼ିଶା ଯେପରି ହାଇଆଲର୍ଟରେ ରହିଛି। ୮ ଜିଲ୍ଲାରୁ ୪୮ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଖବର ଆସିଛି। ସେପଟେ ମାଡି ଆସୁଛି ବାତ୍ୟା, ଏପଟେ ମୁକାବିଲା ପ୍ରସ୍ତୁତି। ବାତ୍ୟାକୁ ଦୃଷ୍ଟିରୁ ରଖି ୮ଟି ଜିଲାରୁ ମୋଟ ୪୮ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲ। ଜିଲା ଅନୁଯାୟୀ, ନବରଙ୍ଗପୁରରୁ ୧୧,୨୦୦, ଗଜପତିରୁ ୧୧ହଜାର, ମାଲକାନଗିରି ୯,୮୫୦, ଗଞ୍ଜାମ ୬,୫୦୦, କୋରାପୁଟ ୫,୦୦୦, କଳାହାଣ୍ଡି ୨,୪୧୫, ନୂଆପଡା ୧,୬୭୫, ରାୟଗଡ଼ା ୩୦୦ ସ୍ଥାନାନ୍ତର କରାଯାଇଛି। ବାତ୍ୟା ମୁକାବିଲା ପାଇଁ ଓ ଜରୁରୀକାଳୀନ ପ୍ରସ୍ତୁତି ପାଇଁ ଏସଡିଆରଏଫ ପାଣ୍ଠିରୁ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ମଧ୍ୟ ମହଜୁଦ ରଖାଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୪୮ଟି ଓଡ୍ରାଫ୍ ଟିମ୍, ୮ଟି ଏନଡିଆରଏଫ, ୨୨୫ଟି ଅଗ୍ନିଶମ ୟୁନିଟ୍‌ଙ୍କୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା 'ଅର୍ଣ୍ଣବ' ପାଇଁ ଗଞ୍ଜାମରେ ୮୬୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଥିମଧ୍ୟରେ ଅଛନ୍ତି ୧୮୮ ଜଣ ଗର୍ଭବତୀ। ଆନ୍ଧ୍ରର ୩୦ ଟ୍ରଲର ଗୋପାଳପୁର ବନ୍ଦରରେ ନେଇଛନ୍ତି ଆଶ୍ରୟ। ଲୋକଙ୍କ ପାଇଁ ୧୦୨୯ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇଛି।୯୨୨ ବିପଦପୂର୍ଣ୍ଣ ଗାଁ ଉପରେ ନଜର ରଖିଛି ପ୍ରଶାସନ। ୩ ଓଡ୍ରାଫ ,୨ ଏନଡିଆରଏଫ ଟିମ୍ ମୁତୟନ ହୋଇଛନ୍ତି ବୋଲି ଜିଲ୍ଲାପ୍ରଶାସନ ସୂଚନା ଦେଇଛନ୍ତି ।ପ୍ରସ୍ତୁତି ପାଇଁ ଏସଡିଆରଏଫରୁ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରଭାବିତହେବାକୁ ଥିବା ଜିଲ୍ଲାମାନଙ୍କୁ ଅର୍ଥ ପ୍ରଦାନ ସରିଛି । ବିଭିନ୍ନ ସ୍ଥାନରେ ୧୯ ଶହ ମେଟ୍ରିକ ଟନ୍ ଗୋଖାଦ୍ୟ ମହଜୁଦ ଅଛି । ମୁକାବିଲା ପାଇଁ ସରକାର ସବୁ ପ୍ରକାର ପ୍ରସ୍ତୁତି କରି ସାରିଛନ୍ତି

## ଆବେଦନକାରୀଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

# ୧୦ ଦିନରେ ଜବାବ ଦାଖଲ କର




ନୂଆଦିଲ୍ଲୀ, ୨୭।୧୦: ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଏବଂ 'ଏସ୍‌ଆଇଆର୍'କୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକର ମଙ୍ଗଳବାର ହେବାକୁ ଥିବା ଶୁଣାଣିକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି । ନିର୍ବାଚନ ଆୟୋଗଙ୍କ ସତ୍ୟପାଠର ଜବାବ ଦାଖଲ କରିବାକୁ ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି । ଆଗାମୀ ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ, ରାଜ୍ୟସଭା ସାଂସଦ ଡୋଲା ସେନ୍‌ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ନୂତନ ଆବେଦନ ଉପରେ ନିର୍ବାଚନ ଆୟୋଗ ଏବଂ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲାର ଶୁଣାଣିକୁ ପରବର୍ତ୍ତୀ ଏକ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଆବେଦନକାରୀ ରାକେଶ ସିଂହଙ୍କ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂହ କୋର୍ଟଙ୍କୁ ଜଣାଇଥିଲେ ଯେ, ନିର୍ବାଚନ ଆୟୋଗଙ୍କ ସତ୍ୟପାଠ ଶୁଣାଣିର ଠିକ୍ ପୂର୍ବ ରାତିରେ ମିଳିଛି ।ତେଣୁ ଏହାର ଜବାବ ପ୍ରସ୍ତୁତ କରିବା ପାଇଁ ସମୟ ଲୋଡ଼ିଥିଲେ । ସୁପ୍ରିମକୋର୍ଟ ଏଥିପାଇଁ ୧୦ ଦିନର ମହଲତ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଦୀପାବଳି ଛୁଟି ପରେ ହେବ ବୋଲି ଆଶା କରାଯାଉଛି । ସେପଟେ ନିର୍ବାଚନ ଆୟୋଗ, ଏସ୍‌ଆଇଆର୍ ପ୍ରକ୍ରିୟା ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀକୁ ନେଇ ୨୪୮ ପୃଷ୍ଠାର ବିସ୍ତୃତ ସତ୍ୟପାଠ ଦାଖଲ କରିଛନ୍ତି ।

# ସ୍ୱଚ୍ଛତାକୁ ଜୀବନର ଅଂଶ କରନ୍ତୁ ସରକାରୀ କର୍ମଚାରୀ




- ଦୁର୍ନୀତି କଲେ ନିସ୍ତାର ନାହିଁ; ୪୧ ବହିଷ୍କୃତ ହୋଇଛନ୍ତି
- ୯୧ଜଣଙ୍କ ବନ୍ଦ ହୋଇଛି ପେନସନ
- ପ୍ରିଭେଣ୍ଟିଭ୍ ଭିଜିଲାନ୍ସ ରିସର୍ଚ୍ଚ ୱିଙ୍ଗ୍ ଗଠନ କରାଯାଉଛି

ଭୁବନେଶ୍ୱର, ୨୭।୧୦: ଦୁର୍ନୀତିକୁ ନେଇ ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବା ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେଉଛନ୍ତି। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ୯୧ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୋଧରେ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଚେତାବନୀ ଦେଇ ସେ କହିଥିଲେ ଯେ, ଏବେ ସରକାର 'ଆଇଭରି ଟାୱାର'ରେ ବସି ଶାସନ କରୁନାହାନ୍ତି। ସରକାର ଲୋକଙ୍କ ପାଖକୁ ଯାଉଛନ୍ତି, ସେମାନଙ୍କ ସମସ୍ୟା ଶୁଣୁଛନ୍ତି ଏବଂ ଅଭିଯୋଗ ଅନୁଯାୟୀ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତି ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଛି। ଏହା ଜରିଆରେ ଲୋକେ ନିଜ ସମସ୍ୟା ଓ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ସିଧାସଳଖ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଉଛନ୍ତି। ଅଭିଯୋଗ ଆଧାରରେ ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଉଛି। ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୫ରେ ଭିଜିଲାନ୍ସର ଦୋଷୀ ସାବ୍ୟସ୍ତି ହାର ୫୦ ପ୍ରତିଶତ ରହିଥିବା ବେଳେ ୨୦୨୬ ସେପ୍ଟେମ୍ବର ସୁଦ୍ଧା ଏହା ୬୫ ପ୍ରତିଶତରେ ପହଞ୍ଚିଛି। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଦୋଷୀଙ୍କୁ ଦଣ୍ଡିତ କରିବା କ୍ଷେତ୍ରରେ ଓଡ଼ିଶା ଭିଜିଲାନ୍ସ ଉଲ୍ଲେଖନୀୟ ସଫଳତା ହାସଲ କରିଛି।ଗତ ଅଢ଼େଇ ବର୍ଷ ମଧ୍ୟରେ ଜଣେ ଆଇଏଏସ୍ ଅଧିକାରୀ, ୮ ଜଣ ମୁଖ୍ୟଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବନ ଅଧିକାରୀ, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର ଓ ୪ ଜଣ ବିଡିଓଙ୍କ ସମେତ ବହୁ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇଛି। ଦୁର୍ନୀତି ନିୟନ୍ତ୍ରଣ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ଆଇଟି ନୀତି ଅନୁସାରେ ଏ କ୍ଷେତ୍ରରେ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯିବ। ଏଥିସହ ଓଡ଼ିଶା ଭିଜିଲାନ୍ସରେ ଏକ ପ୍ରିଭେଣ୍ଟିଭ୍ ଭିଜିଲାନ୍ସ ରିସର୍ଚ୍ଚ ୱିଙ୍ଗ୍ ଗଠନ କରାଯାଉଛି। ଏହା ଦୁର୍ନୀତିପ୍ରବଣ କ୍ଷେତ୍ର ଚିହ୍ନଟ କରିବା ସହ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାରେ ସହାୟକ ହେବ।ଚଳିତ ବର୍ଷର ବିଷୟବସ୍ତୁ 'ସାଧୁତାରୁ ସମୃଦ୍ଧି' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତ ସରକାରୀ କର୍ମଚାରୀଙ୍କୁ ସଚ୍ଚୋଟତା, ନିଷ୍ଠା ଓ ସ୍ୱଚ୍ଛତାକୁ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ, ଶ୍ରେଷ୍ଠ ୟୁନିଟ୍ ଭାବେ ଅନୁଗୋଳକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ତଦନ୍ତ ଅଧିକାରୀ, ଶ୍ରେଷ୍ଠ ମହିଳା ତଦନ୍ତ ଅଧିକାରୀ ଓ ଶ୍ରେଷ୍ଠ ପବ୍ଲିକ୍ ପ୍ରୋସିକ୍ୟୁଟରଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

## କର୍ଣ୍ଣାଟକ ଭୋଟର ତାଲିକାରେ ୪.୫୪ କୋଟିଙ୍କ ନାମ

### ୧ କୋଟିରୁ ଅଧିକ ବାଦ୍ ପଡ଼ିଲେ

ବେଙ୍ଗାଲୁରୁ, ୨୭।୧୦: ଏସ୍‌ଆଇଆର୍ ପରେ କର୍ଣ୍ଣାଟକରେ ପ୍ରକାଶ ପାଇଛି ଚୂଡ଼ାନ୍ତ ଭୋଟର ତାଲିକା। ବାଦ୍ ପଡିଛି ୧ କୋଟି ନାଁ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଥିବା କର୍ଣ୍ଣାଟକର ଚୂଡ଼ାନ୍ତ ଭୋଟର ତାଲିକାରେ ରହିଛି ୪.୫୪ କୋଟି ଲୋକଙ୍କ ନାମ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ପକ୍ଷରୁ ନିଶ୍ଚିତ କରାଯାଇଛି ଯେ ୧,୦୮,୭୬,୬୨୫ ପଂଜୀକରଣ ଫର୍ମକୁ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଅର୍ଥାତ୍, ୧.୦୮ କୋଟି ଲୋକଙ୍କ ନାଁ ଭୋଟର ତାଲିକାରୁ ବାଦ୍ ପଡ଼ିଛି। ସ୍ୱତନ୍ତ୍ର ଭାବେ ୬୧,୮୬୭ ଜଣ ଲୋକଙ୍କୁ ଭୋଟର ତାଲିକାରେ ସାମିଲ ହେବାକୁ ଅଯୋଗ୍ୟ ବିବେଚିତ କରାଯାଇଛି। ନୋଟିସ ପଠାଇବା ଓ ଶୁଣାଣି ଶେଷ ହେବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ଆଇଆର ପୂର୍ବରୁ କର୍ଣ୍ଣାଟକର ଭୋଟର ତାଲିକାରେ ୫,୫୪,୩୨,୩୧୪ ଜଣଙ୍କ ନାମ ରହିଥିଲା। କିନ୍ତୁ ସର୍ଭେ ପରେ ଏହି ସଂଖ୍ୟା ୪,୫୪,୫୫,୬୮୯ ବା ୪.୫୪ କୋଟିକୁ ଖସି ଆସିଛି। ଏହାମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୨,୨୫,୪୦,୪୯୩, ମହିଳା ଭୋଟରଙ୍କ ସଂଖ୍ୟା ୨,୨୯,୧୨,୩୫୫ ଓ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ରହିଛି ୨୮୪୧। ୧୮ରୁ ୧୯ ବର୍ଷ ବୟସ ବର୍ଗରେ ୬.୮୩ ଲକ୍ଷ ଭୋଟର ଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ସୂଚନା ଦେଇଛି

# କାର୍ତ୍ତିକ ମାସର ବୈଶିଷ୍ଟ୍ୟ



କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ଧର୍ମପ୍ରାଣ ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି ।



ଓଡ଼ିଶାର ଆଦିକବି ଶୁଦ୍ରମୁନି ସାରଳା ଦାସ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏହିପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରେ ଦର୍ଶାଯାଇଛି ଯେ,କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ । କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ୍ୟ ପରିଚିତ । ଏହି ମାସରେ ଧର୍ମପ୍ରାଣ ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି । ପୂର୍ଣ୍ଣିମା ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି । କୁହାଯାଏ ଯେ ଏହି ପାଞ୍ଚଦିନକାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ । ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀଠାରୁ ପୂର୍ଣ୍ଣମୀ ପାଞ୍ଚଦିନ ଧରି ଅନୁଷ୍ଠିତ ମହାପଞ୍ଚକ ହିନ୍ଦୁମାନଙ୍କ ପାଇଁ ଧର୍ମଗତ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପିଣ୍ଡ ପ୍ରଦାନ ଓଡ଼ିଶାରେ ସଂପ୍ରତି ପ୍ରଚଳିତ ନାହିଁ, ମାତ୍ର ବ୍ରତ ପାଳନ ଏବେ ବି ଓଡ଼ିଆ ପରମ୍ପରାରେ ଅନୁସୃତ । ଏହି ଦିନ ମହିଳାମାନେ ରାଇ ଦାମୋଦର ବ୍ରତର ଉଦ୍‌ଯାପନ କରିଥାନ୍ତି । ବିଧବାମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜଳନ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହିମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଏ ।

## ● ଧର୍ମ ମାସ କାର୍ତ୍ତିକ: କ'ଣ ଖାଇବେ ଓ ଖାଇବେନି





ଧର୍ମ ତଥା ପୁଣ୍ୟର ମାସ କାର୍ତ୍ତିକ। ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ମତ୍ସ୍ୟବତାରରେ ରହନ୍ତି। ଉକ୍ତ ମାସରେ ଖାଦ୍ୟପାନୀୟକୁ ନେଇ ଅନେକ ନିୟମ ରହିଛି। ସେହିସବୁ ନିୟମ ପାଳନ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପଡ଼ିଥାଏ । ତା'ସହ ଲକ୍ଷ୍ମୀ-ନାରାୟଣଙ୍କ କୃପାରୁ ଲୌକିକ ଓ ଅଲୌକିକ ଜୀବନରେ ସୁଖ ଓ ଆନନ୍ଦ ପ୍ରାପ୍ତି ହୁଏ । ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ମାସର ବିଶେଷ ମହତ୍ତ୍ୱ ଥିବାରୁ

## ● କ'ଣ ଖାଇବା ଉଚିତ ଓ ଅନୁଚିତ

ଧର୍ମ ତଥା ପୁଣ୍ୟର ମାସ କାର୍ତ୍ତିକ। ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ମତ୍ସ୍ୟବତାରରେ ରହନ୍ତି। ଉକ୍ତ ମାସରେ ଖାଦ୍ୟପାନୀୟକୁ ନେଇ ଅନେକ ନିୟମ ରହିଛି। ସେହିସବୁ ନିୟମ ପାଳନ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପଡ଼ିଥାଏ । ତା'ସହ ଲକ୍ଷ୍ମୀ-ନାରାୟଣଙ୍କ କୃପାରୁ ଲୌକିକ ଓ ଅଲୌକିକ ଜୀବନରେ ସୁଖ ଓ ଆନନ୍ଦ ପ୍ରାପ୍ତି ହୁଏ ।



**ଆମିଷ:** ସାଧାରଣତଃ ଏହି ମାସରେ ଘରେ ଆମିଷ ପ୍ରବେଶ ମନା। ପୁଣି ମାଛ, ମାଂସ, ଅଣ୍ଡା, ଶୁଖୁଆ ଆଦି ହେଉଛି ତାମସିକ ଭୋଜନ। ତେଣୁ ଧାର୍ମିକ ଦୃଷ୍ଟିକୋଣରୁ ମାଛ ମାଂସ ଖାଇବା ବର୍ଜନୀୟ । ବିଶେଷକରି କାର୍ତ୍ତିକ ମାସରେ ଏସବୁଠାରୁ ଦୂରେଇ ରହିବାକୁ କୁହାଯାଏ । ତେବେ ଭଗବାନ ବିଷ୍ଣୁ ଏହି ମାସରେ ଜଳରେ ମତ୍ସ୍ୟବତାରରେ ରହନ୍ତି। ସେଥିପାଇଁ ମାଛ ଖାଇବା ଉଚିତ ନୁହେଁ । ସେହିପରି ବୈଜ୍ଞାନିକ ଦୃଷ୍ଟିରୁ ମଧ୍ୟରୁ ଏହାର ଅନ୍ୟ କାରଣ ଅଛି। ଆଷାଢ଼ ମାସରେ ବର୍ଷା ତଥା ବନ୍ୟା ଯୋଗୁଁ ଜଳ ଦୂଷିତ ହୋଇଥାଏ। ତେଣୁ ମାଛ ଆଦି ଖାଇବା ଦ୍ୱାରା ସଂକ୍ରମଣ ହେବାର ଆଶଙ୍କା ଅଛି। **ବାଇଗଣ:** ପନିପରିବା ମଧ୍ୟରେ ବାଇଗଣ ଖିଆଯାଏ ନାହିଁ । କୁହାଯାଏ ବାଇଗଣ ପିତ୍ତଦୋଷ ବୃଦ୍ଧି କରେ। ଫଳରେ ଏହା ଦ୍ୱାରା ଶରୀରରେ ପିତ୍ତଦୋଷ ଦେଖା ଦିଏ ।

**କଲରା:** ସେହିପରି କାର୍ତ୍ତିକରେ କଲରା ଖାଇବା ମଧ୍ୟ ମନା । ଧାରଣା ଅଛି କଲରା ବାୟୁ ବା ଗ୍ୟାସ୍ ସମସ୍ୟା ସୃଷ୍ଟି କରିଥାଏ । ସେଥିପାଇଁ ଏହି ମାସରେ କଲରା ଖାଇବା ହାନିକାରକ । ଅନ୍ୟପଟେ ଏହି ମାସରେ ତିକ୍ତ, ଚଟପଟା ଆଦି ଖାଦ୍ୟ ଧାର୍ମିକ ଦୃଷ୍ଟିରୁ ବର୍ଜନୀୟ। ଏଣୁ କଲରା ତିକ୍ତ ହୋଇଥିବାରୁ ଏହାକୁ ଖାଇବା ଉଚିତ ନୁହେଁ ।

**ଗୁଡ଼:** ଏହି ମାସରେ ଉପବାସ କରୁଥିଲେ ଚିନି ପରିବର୍ତ୍ତେ ଗୁଡ଼ ଖାଆନ୍ତୁ । ଗୁଡ଼ ଶରୀରର ରୋଗପ୍ରତିରୋଧକ ଶକ୍ତି ଓ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ତା' ସହ ଥଣ୍ଡା ଓ କାଶ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରେ ।

**ଦହି:** ଦୁଗ୍ଧ ଜନିତ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ମାତ୍ର କାର୍ତ୍ତିକରେ ଦହି ଖାଇବା ନିଷେଧ । ମୁଖ୍ୟତଃ ଶ୍ୱାସରୋଗୀଙ୍କୁ ଦହି ବାରଣ କରାଯାଏ । ଦହି ପରିବର୍ତ୍ତେ କ୍ଷୀର ଖାଇବାର ନିୟମ ଅଛି। **ଜିରା:** ଜିରା ସ୍ୱାସ୍ଥ୍ୟ ପାଇଁ ହିତକର । ଏହାକୁ ମଧ୍ୟ କାର୍ତ୍ତିକରେ ଖିଆଯାଏ ନାହିଁ । କୁହାଯାଏ ଏହା ଶରୀର ପାଇଁ ହିତକର ହୋଇ ନ ଥିବାରୁ ଅନେକ ଜିରା ମଧ୍ୟ ଖାଆନ୍ତି ନାହିଁ ।

**କୋଳଥ ଡାଲି :** ସେହିପରି ହରଡ଼, ଚଣା, କୋଳଥ, ମସୁର ଡାଲି ଆଦି ଖାଇବା ଉଚିତ୍ ନୁହେଁ । ଏସବୁ ଖାଇବା ଦ୍ୱାରା ପେଟଜନିତ ସମସ୍ୟା ଦେଖାଦେବାର ଆଶଙ୍କା ଅଛି ।

**ମୂଳା:** ଏହି ମାସରେ ମୂଳା ଖାଇବା ଶରୀର ପାଇଁ ସବୁଠୁ ହିତକର । ଏହା ରକ୍ତକୁ ପରିଷ୍କାର କରିଥାଏ । ତା'ସହ ବିଭିନ୍ନ ମୌସୁମୀ ଜନିତ ରୋଗରୁ ରକ୍ଷା କରେ । କିନ୍ତୁ ଉପବାସ କରୁଥିଲେ ମୂଳା ଖାଇବା ଉଚିତ ନୁହେଁ ।

**ଥଣ୍ଡା ପାଣି:** ଏହି ମାସରୁ ଶୀତ ଋତୁ ଆରମ୍ଭ ହୋଇଥାଏ। ତେଣୁ ଋତୁ ପରିବର୍ତ୍ତନ ହେଉଥିବାରୁ ଥଣ୍ଡା ଆଦି ସ୍ୱାସ୍ଥ୍ୟ ସମସ୍ୟା ଉପୁଜେ। ଏ ଦୃଷ୍ଟିରୁ ଶରୀର ପାଇଁ ପୂରା ଥଣ୍ଡା ପାଣି ହିତକର ନୁହେଁ । ଏହା ସହ ଆଜ୍‌ମା ରୋଗୀଙ୍କୁ ଥଣ୍ଡା ପାଣିଠାରୁ ଦୂରେଇ ରହିବା ଉଚିତ।

---

## ଶକ୍ତି ପୂଜା

# ସନାତନ ଧର୍ମରେ ମା କାଳୀଙ୍କ ପୂଜା

*ମା କାଳୀଙ୍କ ପୂଜା ସନାତନ ଧର୍ମରେ ଶକ୍ତି ଉପାସନାର ସବୁଠାରୁ ଉଗ୍ର ଏବଂ ପ୍ରଭାବଶାଳୀ ରୂପ ଅଟେ। ତନ୍ତ୍ର ଶାସ୍ତ୍ର ଏବଂ ପୁରାଣରେ ମାଆ କାଳୀଙ୍କୁ ଚେତନାର ପରମ ଶକ୍ତି, କାଳ (ସମୟ)ର ନିୟନ୍ତା ଏବଂ ମୋକ୍ଷଦାୟିନୀ ବୋଲି ବିବେଚନା କରାଯାଇଛି।ଏଠାରେ ମାଆ କାଳୀଙ୍କ ପୂଜା, ତାଙ୍କର ପ୍ରାକଟ୍ୟର ଶାସ୍ତ୍ରୀୟ କଥା ଏବଂ ଏହା ପଛରେ ଥିବା ଆଧ୍ୟାତ୍ମିକ ଓ ଶାସ୍ତ୍ରୀୟ ତତ୍ତ୍ୱଗୁଡ଼ିକୁ ବିସ୍ତୃତ ଭାବରେ ବୁଝାଯାଇଛି:*





୧. ମାଆ କାଳୀଙ୍କ ପ୍ରାକଟ୍ୟର ଶାସ୍ତ୍ରୀୟ କଥା : ମାର୍କଣ୍ଡେୟ ପୁରାଣର ଦୁର୍ଗା ସପ୍ତଶତୀ ଅନୁଯାୟୀ, ମାଆ କାଳୀଙ୍କ ପ୍ରାକଟ୍ୟର ମୁଖ୍ୟ କଥା ଶୁମ୍ଭ-ନିଶୁମ୍ଭ ଏବଂ ଚଣ୍ଡ-ମୁଣ୍ଡ ନାମକ ରାକ୍ଷସମାନଙ୍କର ବଧ ସହିତ ଜଡ଼ିତ।

**➘ ଅସୁରମାନଙ୍କର ଆତଙ୍କ:**
ଶୁମ୍ଭ ଏବଂ ନିଶୁମ୍ଭ ତିନି ଲୋକ ଉପରେ ଅଧିକାର କରିନେଇଥିଲେ। ଦେବତାମାନଙ୍କର ପ୍ରାର୍ଥନା ଉପରେ ସାକ୍ଷାତ୍ ଦେବୀ ପାର୍ବତୀ (ମହାସରସ୍ୱତୀ/ଅମ୍ବିକା) ଦୁଷ୍ଟମାନଙ୍କର ସଂହାର କରିବା ପାଇଁ ରଣଭୂମିରେ ଅବତୀର୍ଣ୍ଣ ହେଲେ।

**➘ କ୍ରୋଧରୁ ପ୍ରାକଟ୍ୟ:**
ଯେତେବେଳେ ଅସୁର ଚଣ୍ଡ ଏବଂ ମୁଣ୍ଡ ଦେବୀ ଅମ୍ବିକାଙ୍କ ଉପରେ ଆକ୍ରମଣ କଲେ, ସେତେବେଳେ ଦେବୀଙ୍କର ଅତ୍ୟନ୍ତ ତୀବ୍ର କ୍ରୋଧ ହେଲା। କ୍ରୋଧର ଆଧିକ୍ୟରୁ ତାଙ୍କର ମୁଖ କଳା ପଡ଼ିଗଲା।

**➘ କାଳୀଙ୍କର ଅବତରଣ:**
ସେହି ସମୟରେ ଦେବୀଙ୍କର ଲଲାଟ (କପାଳ)ର ଭ୍ରୂକୁଟିରୁ ଦିବ୍ୟ ଏବଂ ଭୟାନକ ରୂପଧାରିଣୀ ଦେବୀ କାଳୀ ପ୍ରକଟ ହେଲେ। ସେ ହାତରେ ଖଡ୍ଗ (ତରବାରୀ) ଏବଂ ଫାଶୀ ଧାରଣ କରିଥିଲେ, ମୁଣ୍ଡମାଳା ପିନ୍ଧିଥିଲେ ଏବଂ ତାଙ୍କ ରୂପ ଅତ୍ୟନ୍ତ ବିକଟାଳ ଥିଲା।

**➘ ଚଣ୍ଡ-ମୁଣ୍ଡ ବଧ:** ମାଆ କାଳୀ କ୍ଷଣକ ମଧ୍ୟରେ ଅସୁରମାନଙ୍କର ସେନାକୁ ସଂହାର କଲେ ଏବଂ ଚଣ୍ଡ-ମୁଣ୍ଡଙ୍କ ମୁଣ୍ଡ କାଟି ଦେବୀ ଅମ୍ବିକାଙ୍କୁ ଉପହାର ସ୍ୱରୂପ ଭେଟି ଦେଲେ। ଏହି କାରଣରୁ ତାଙ୍କର ନାମ ଚାମୁଣ୍ଡା ମଧ୍ୟ ହେଲା।

**➘ ରକ୍ତବୀଜର ସଂହାର:** ଏହାପରେ ହୋଇଥିବା ଯୁଦ୍ଧରେ 'ରକ୍ତବୀଜ' ନାମକ ରାକ୍ଷସକୁ ବରଦାନ ଥିଲା ଯେ ତାର ରକ୍ତର ଗୋଟିଏ ବି ବୁନ୍ଦା ଯଦି ପୃଥିବୀରେ ପଡ଼ିବ, ତେବେ ସେହିଭଳି ଅନ୍ୟ ଏକ ରାକ୍ଷସ ଜନ୍ମ ନେବ। ମାଆ କାଳୀ ନିଜର ଖପୁରିରେ ତା'ର ସମସ୍ତ ରକ୍ତ ପିଇଗଲେ ଏବଂ ତା'ର ସମୂଳ ନାଶ କଲେ।
ମାଆ କାଳୀଙ୍କ ପୂଜାର ଶାସ୍ତ୍ରୀୟ ତତ୍ତ୍ୱ କାଳୀ ଶବ୍ଦ 'କାଳ'ରୁ ଆସିଛି, ଯାହାର ଦୁଇଟି ଅର୍ଥ ଅଛି - ସମୟ ଏବଂ କଳା ରଙ୍ଗ। ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ମାଆ କାଳୀଙ୍କର ରୂପ ଏବଂ ତାଙ୍କ ପୂଜା ଅତ୍ୟନ୍ତ ଗଭୀର ପ୍ରତୀକରେ ପରିପୂର୍ଣ୍ଣ।

**➘ କୃଷ୍ଣ ବର୍ଣ୍ଣ (କଳା ରଙ୍ଗ):**
କାଳ (ସମୟ) ସବୁକିଛି ନିଜ ଭିତରେ ସମାହିତ କରିନିଏ। ଯେପରି ସମସ୍ତ ରଙ୍ଗ କଳା ରଙ୍ଗରେ ମିଶି ବିଲୀନ ହୋଇଯାଏ, ସେହିପରି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ଅନ୍ତତଃ ମାଆ କାଳୀଙ୍କଠାରେ ବିଲୀନ ହୋଇଯାଏ। ଏହା ଶୂନ୍ୟତା ଏବଂ ଅନନ୍ତତାର ପ୍ରତୀକ ଅଟେ।

**➘ ମାଆ କାଳୀଙ୍କର ବିଛୁରିତ କେଶ:** ଏହି କଥାର ପ୍ରତୀକ ଯେ ସେ ଯେ କୌଣସି ସାଂସାରିକ ନିୟମ ବା ମାୟାର ବନ୍ଧନରୁ ମୁକ୍ତ ଅଟନ୍ତି। ପୂର୍ଣ୍ଣ ସ୍ୱାଧୀନତା (ମୁକ୍ତି)ର ପ୍ରତୀକ ଅଟନ୍ତି।

**➘ ମୁଣ୍ଡମାଳା (୫୦ଟି ମୁଣ୍ଡର ମାଳା):** ମାଆ କାଳୀଙ୍କ ଗଳାରେ ଯେଉଁ ମୁଣ୍ଡମାଳା ଅଛି, ତାହା ବର୍ଣ୍ଣମାଳାର ୫୦ଟି ଅକ୍ଷର (ଅ' ରୁ 'କ୍ଷ' ପର୍ଯ୍ୟନ୍ତ)କୁ ଦର୍ଶାଏ। ଏହା ଶବ୍ଦ ବ୍ରହ୍ମ ଏବଂ ନାଦ ବିଦ୍ୟାର ପ୍ରତୀକ ଅଟେ।

**➘ ଭଗବାନ ଶିବଙ୍କ ଉପରେ ପାଦ:**
କଥା ଅନୁଯାୟୀ, ରକ୍ତବୀଜର ବଧ ପରେ ମାଆ କାଳୀଙ୍କର କ୍ରୋଧ ଏତେ ବଢ଼ିଗଲା ଯେ ବ୍ରହ୍ମାଣ୍ଡ ନଷ୍ଟ ହେବା ଆଶଙ୍କା ଦେଖାଦେଲା। ସେତେବେଳେ ଭଗବାନ ଶିବ ତାଙ୍କ ମାର୍ଗରେ ସୋଇଗଲେ। ଯେମିତି ମାଆଙ୍କର ପାଦ ଶିବଙ୍କ ଛାତି ଉପରେ ପଡ଼ିଲା, ସେ ନିଜ ସ୍ୱାମୀଙ୍କୁ ଚିହ୍ନିପାରିଲେ ଏବଂ ଲଜ୍ଜାରୁ ତାଙ୍କର ଜିଭ ବାହାରକୁ ଆସିଗଲା।
**▶▶ଶାସ୍ତ୍ରୀୟ ତତ୍ତ୍ୱ:** ଶିବ ହେଉଛନ୍ତି 'ଶବ' (ଚେତନା ରହିତ ନିଷ୍କ୍ରିୟ ଶକ୍ତି) ଏବଂ କାଳୀ ହେଉଛନ୍ତି 'ଶକ୍ତି' (ସକ୍ରିୟ ଶକ୍ତି)। ଶକ୍ତି ବିନା ଶିବ କିଛି କରିପାରିବେ ନାହିଁ ଏବଂ ଶିବ ବିନା ଶକ୍ତି ଅନିୟନ୍ତ୍ରିତ। ଏହା ପୁରୁଷ ଏବଂ ପ୍ରକୃତିର ସନ୍ତୁଳନ ଅଟେ। **▶▶ଚାରି ହାତ (ଚତୁର୍ଭୁଜ ରୂପ): ▶▶ଉପରି ବାମ ହାତ:** ଖଡ଼୍ଗ (ତରବାରୀ), ଯାହା ଜ୍ଞାନ ଦ୍ୱାରା ଅଜ୍ଞାନ ଏବଂ ଅହଂକାର କଟିଯିବାର ପ୍ରତୀକ ଅଟେ। **▶▶ନିମ୍ନ ବାମ ହାତ:** କଟା ହୋଇଥିବା ମୁଣ୍ଡ, ଯାହା ମନୁଷ୍ୟର ଅହଂକାର ନଷ୍ଟ ହେବାର ପ୍ରତୀକ ଅଟେ। **▶▶ଡାହାଣ ଦୁଇଟି ହାତ:** ଅଭୟ ଏବଂ ବରଦ ମୁଦ୍ରାରେ ଅଛନ୍ତି, ଯାହା ଭକ୍ତମାନଙ୍କୁ ସୁରକ୍ଷା ଏବଂ ମୋକ୍ଷର ଆଶୀର୍ବାଦ ଦିଅନ୍ତି।

**➘ ମାଆ କାଳୀଙ୍କ ପୂଜା ବିଧି:**
ଶାସ୍ତ୍ରୀୟ ରୂପରେ ମାଆ କାଳୀଙ୍କ ପୂଜା ଦୁଇ ପ୍ରକାରର କରାଯାଏ:
ସାତ୍ତ୍ୱିକ ବା ବୈଦିକ ପୂଜା (ସାଧାରଣ ଭକ୍ତମାନଙ୍କ ପାଇଁ): ଏଥିରେ ମାଆଙ୍କୁ ସୌମ୍ୟ ରୂପରେ ପୂଜା କରାଯାଏ।
ସାମଗ୍ରୀ: ଲାଲ ଫୁଲ (ବିଶେଷକରି ଗୁଆ ଘିଅ/ଗୁଡ଼,ହଳଦୀ), ଫଳ, ମିଠା, ଧୂପ, ଦୀପ ଏବଂ କର୍ପୂର।
**▶▶ମନ୍ତ୍ର:** 'ଓଁମ୍ କ୍ଲୀମ୍ କାଳୀକାୟେ ନମଃ' ବା ଦୁର୍ଗା ସପ୍ତଶତୀର ମନ୍ତ୍ର ଜପ କରାଯାଏ।
**▶▶ମହତ୍ତ୍ୱ:** ଏହି ପୂଜା ଘରେ ସୁଖ, ଶାନ୍ତି, ଭୟରୁ ମୁକ୍ତି ଏବଂ ଶତ୍ରୁ ଉପରେ ବିଜୟ ପାଇଁ କରାଯାଏ।
**▶▶ତାନ୍ତ୍ରିକ ପୂଜା (ସାଧକମାନଙ୍କ ପାଇଁ):** ମାଆ କାଳୀ ତନ୍ତ୍ର ଶାସ୍ତ୍ରର ଦଶ ମହାବିଦ୍ୟା ମଧ୍ୟରେ ପ୍ରଥମ ଅଟନ୍ତି। ଏହି ପୂଜା ଅର୍ଦ୍ଧରାତ୍ରିରେ (ନିଶି କାଳରେ) ଶ୍ମଶାନ ବା ଏକାନ୍ତ ସ୍ଥାନରେ ଗୁରୁଙ୍କ ମାର୍ଗଦର୍ଶନରେ ହୁଏ।ଏଥିରେ ବିଶେଷ ଯନ୍ତ୍ର, ମନ୍ତ୍ର ଏବଂ ଗୁପ୍ତ କ୍ରିୟାର ଉପଯୋଗ କରି ସିଦ୍ଧୀ ପ୍ରାପ୍ତ କରାଯାଏ।

**➘ ପୂଜାର ମୁଖ୍ୟ ସମୟ:**
**▶▶ନରକ ଚତୁର୍ଦ୍ଦଶୀ:** ଦୀପାବଳିର ଗୋଟିଏ ଦିନ ପୂର୍ବରୁ କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀରେ ମାଆ କାଳୀଙ୍କର ବିଶେଷ ପୂଜା ହୁଏ।
**▶▶କାଳୀ ପୂଜା (ଦୀପାବଳି):** ଓଡ଼ିଶା , ପଶ୍ଚିମବଙ୍ଗ ଏବଂ ଆସାମରେ ଦୀପାବଳି ରାତିରେ ମହାକାଳୀଙ୍କର ଭବ୍ୟ ପୂଜାର ବିଧାନ ରହିଛି। **▶▶ଅମାବାସ୍ୟା:** ପ୍ରତ୍ୟେକ ମାସର ଅମାବାସ୍ୟା ତିଥି ମାଆ କାଳୀଙ୍କ ଆରାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ।



**▶▶ ନିଷ୍କର୍ଷ:** ମାଆ କାଳୀଙ୍କ ରୂପ ଯଦିଓ ଭୟାନକ (ଉଗ୍ର) ଦେଖାଯାଏ, କିନ୍ତୁ ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ ସେ ନିଜ ସନ୍ତାନ (ଭକ୍ତମାନଙ୍କ) ପାଇଁ ଅତ୍ୟନ୍ତ ଦୟାଳୁ ଏବଂ ମମତାମୟୀ ମାଆ ଅଟନ୍ତି। ସେମାନେ କେବଳ ଦୁଷ୍ଟମାନଙ୍କର, ନକାରାତ୍ମକ ଶକ୍ତିମାନଙ୍କର ଏବଂ ମନୁଷ୍ୟ ଭିତରେ ଲୁଚି ରହିଥିବା କାମ, କ୍ରୋଧ, ଲୋଭ ଓ ଅହଂକାର ରୂପୀ ରାକ୍ଷସମାନଙ୍କର ସଂହାର କରନ୍ତି।

*- ଶ୍ରୀବୈଷ୍ଣବ ରାମଦାସଜୀ ମହାରାଜ*
*ଶ୍ରୀଧାମ,ବୃନ୍ଦାବନ ମୋ:୯୨୮୬୫୧୫୪୩୩*

ଦିନଲିପି
୨୮ .୧୦. ୨୦୨୬ ବୁଧବାର

## ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଗଲେ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ

କଟକ(ନିପ୍ର): ବରିଷ୍ଠ ନାଗରିକମାନଙ୍କୁ ତୀର୍ଥସ୍ଥଳୀ ପରିଦର୍ଶନ କରାଇବା ସହ ଆଧ୍ୟାତ୍ମିକ ଯାତ୍ରାର ଅନୁଭୂତି ଦେବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । କଟକ ମହାନଗର ନିଗମ ମେୟର ସୁବାସ ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଉପନିର୍ଦ୍ଦେଶକ ପର୍ଯ୍ୟଟନ, ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ସରକାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା। ସୂଚନା ଅନୁଯାୟୀ, କଟକ ମହାନଗର ନିଗମ ଅଞ୍ଚଳର ୨୮ ଜଣ, ଡମପଡା ବ୍ଲକର ୨୨ଜଣ, ନିଶ୍ଚିନ୍ତକୋଇଲି ବ୍ଲକର ୨୧ଜଣଙ୍କ ସମେତ ଜିଲ୍ଲାର ମୋଟ ପଞ୍ଜୀକୃତ ତୀର୍ଥଯାତ୍ରୀଙ୍କ ସଂଖ୍ୟା ୧୯୭ ରହିଛି । ପଞ୍ଜିକରଣ ସମୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଦିନ ୩ ଘଟିକା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ । ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି ।

## ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନକୁ ନେଇ ବିଜେପିର ପ୍ରସ୍ତୁତି

ସାଲେପୁର (ନିପ୍ର): କଟକ ଜିଲ୍ଲା ସାଲେପୁର ବ୍ଲକ ଶିଶୁଆସ୍ଥିତ ସମ୍ପୂର୍ଣ୍ଣା ରିସୋର୍ଟସ ଠାରେ ଗତ ୨୬ ତାରିଖରେ ଭାରତୀୟ ଜନତା ପାର୍ଟି କଟକ ଗ୍ରାମୀଣ ଜିଲ୍ଲା ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳ ପକ୍ଷରୁ କଂଗ୍ରେସର 'ଭୋଟ୍ ଚୋରି' ଅଭିଯୋଗ ଓ ଏହାକୁ ନେଇ ଚାଲିଥିବା ରାଜନୈତିକ ବିତର୍କର ଜବାବ ଦେବା ସହ ଉକ୍ତ ଅଭିଯାନକୁ କଟକ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ଆଲୋଚନା ହୋଇଥିଲା। ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବାକୁ ଦଳୀୟ ନେତାମାନେ ମତ ଦେଇଥିଲେ। ଏହି ବୈଠକରେ ବିଜେପିର ରାଜ୍ୟ ଉପସଭାପତି ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପ୍ରଭାରୀ କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁ, କୁଞ୍ଜମୋହନ ସେଠୀ, ସାଲେପୁରର ବିଜେପି ନେତା ଅରିନ୍ଦମ ରାୟ, ବ୍ରଜେନ୍ଦ୍ର ରାୟ ଓ ପ୍ରଭାତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ହରିକୃଷ୍ଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂର୍ଯ୍ୟମଣି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାତ୍ୟା ମୁକାବିଲା ପାଇଁ ବୁଗୁଡ଼ା ବ୍ଲକ୍‌ରେ ପ୍ରସ୍ତୁତି

ବୁଗୁଡ଼ା, (ନିପ୍ର): ସମ୍ଭାବ୍ୟ ଅର୍ଣ୍ଣବ ବାତ୍ୟାଜନିତ ପରିସ୍ଥିତିର ମୁକାବିଲା ତଥା ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତିମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବାତ୍ୟାର ସମ୍ଭାବ୍ୟ ପ୍ରଭାବ ଓ ତାହାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା।ବୈଠକରେ ଏବିଡିଓ ଧର୍ମରାଜ ପରିଡ଼ାଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବାତ୍ୟା ପରିସ୍ଥିତିରେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

## ବାତ୍ୟା ଅର୍ଣ୍ଣବକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା

ରାୟଗଡ,(ନିପ୍ର): ବାତ୍ୟା ଅର୍ଣ୍ଣବକୁ ନେଇ ରାୟଗଡ ଜିଲ୍ଲାରେ ବଢ଼ିଛି ପ୍ରଶାସନିକ ତତ୍ପରତା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାତ୍ୟା ମୁକାବିଲା ସହ ଜିରୋ କାଜୁଆଲିଟିକୁ ପ୍ରାଧାନ୍ୟ ଦେଇ ରାୟଗଡ ଜିଲ୍ଲାର ଦାୟିତ୍ୱ ନେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଗତ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ବେଳେ ଆଜି ମଧ୍ୟାହ୍ନରେ ସେ ରାୟଗଡରେ ଆସି ପହଞ୍ଚିଛନ୍ତି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ରାୟଗଡରେ ରହି ବାତ୍ୟା ମୁକାବିଲା ପ୍ରସ୍ତୁତି ଉପରେ ନଜର ରଖିବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ଅପରାହ୍ନ ୩ଟାରେ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଲୋକଙ୍କ ଧନଜୀବନ ସୁରକ୍ଷାରେ କୌଣସି ଅବହେଳା ହେବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ରାୟଗଡ ସର୍କିଟ ହାଉସରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏସ୍‌ପି ରାଜ ପ୍ରସାଦ, ଜିଲ୍ଲା ପରିଷଦ ମୁଖ୍ୟ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବେଆଇନ ଭାରୀଯାନ ପାର୍କିଂ ଯୋଗୁଁ ଯାଉଛି ବହୁ ଜୀବନ

## ବାରମ୍ବାର ଅଭିଯୋଗ ପରେ ମଧ୍ୟ ନିରବ ପ୍ରଶାସନ !



ଆସିକା(ନିପ୍ର): ଆସିକା ସହର ଦେଇ ଯାଇଥିବା ୧୫୭ ନମ୍ବର ଜାତୀୟ ରାଜପଥ କଳିଙ୍ଗ ରୋଡ଼ ସ୍ଥିତ ଏଲ ଆଇ ସି ସମ୍ମୁଖରେ ଥିବା ବେଆଇନ ପାର୍କିଙ୍ଗ ଯୋଗୁଁ ଚାଲିଯାଉଛି ବହୁ ମୂଲ୍ୟବାନ ଜୀବନ। ପ୍ରକାଶ ଥାଉକି ଗତକାଲି ଭୋର ପ୍ରାୟ ୪ଘଣ୍ଟା ବେଳେ ପୁଡୁଗେଶ୍ୱର ପଲ୍ଲୀ ଗ୍ରାମର ବୁଲୁ ନାୟକ ନାମକ ଜଣେ ଅଟୋ ଡ୍ରାଇଭର ପ୍ରାତଃ ଭ୍ରମଣ କରୁଥିଲା ବେଳେ କଳିଙ୍ଗ ରୋଡ଼ ସ୍ଥିତ ଏଲ ଆଇ ସି ଅଫିସ ସମ୍ମୁଖରେ ହଠାତ ତାଙ୍କ ପଛପଟୁ ଅତି ଦ୍ରୁତ ଗତିରେ ଗୋଟିଏ ବାଇକ ଆସି ରାସ୍ତା କଡରେ ବେଆଇନ ଭାବେ ଛିଡା ହୋଇଥିବା ଏକ ଭାରୀଯାନକୁ ପଛପଟୁ ଧକ୍କା ଦେଇ ବୁଲୁଙ୍କ ଉପରକୁ ଛିଟିକି ପଡିଥିଲା। ଫଳରେ ବୁଲୁ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଆସିକା ଗଞ୍ଜାମ ଜିଲ୍ଲାର କେନ୍ଦ୍ର ବିନ୍ଦୁ ସହ ସହର ଆସିକା ଦେଇ ତିନୋଟି ମାର୍ଗରେ ଦୁଇଟି ଜାତୀୟ ରାଜପଥ ଓ ଅନ୍ୟ ମାର୍ଗରେ ଗୋଟିଏ ରାଜ୍ୟ ରାଜପଥ ଯାଇଛି ଯଥା ଜାତୀୟ ରାଜପଥ ୧୫୭,୫୯ଓ ରାଜ୍ୟ ରାଜପଥ ୩୦ । ଖଲ୍ଲିକୋଟ, ପୁରୁଷୋତ୍ତମପୁର, ନୟାଗଡ଼, ବେଲଗୁଣ୍ଠା, ଫୁଲବାଣୀ, ସୋରଡ଼ା, ଦିଗପହଣ୍ଡି, ବ୍ରହ୍ମପୁର ଦିଗକୁ ପ୍ରତିଦିନ ଶହ ଶହ ଯାତ୍ରୀବାହି, ଭାରୀଯାନ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇଥାଏ। ବିଶେଷ କରି ଆସିକା ବିଜୁପଟ୍ଟନାୟକ ଛକ ଠାରୁ ପାକଲାପଲ୍ଲୀ, ଆସିକାରୁ ଚିନିଶିଳ୍ପ ନୂଆଗାଁ, ମକୁନ୍ଦ ପୁର କଲେଜ ଛକ, କାଳଷଣ୍ଢପୁର ଠାରୁ ନଳବଣ୍ଟା, କାଳ ଷଣ୍ଢପୁର ସୋରଡ଼ା ରୋଡ଼ ଏହି ଜନଗହଳି ପୂର୍ଣ୍ଣ ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ଯାତ୍ରୀବାହି ବସ,ମାଲବାହୀ ଟ୍ରକ, ମିନିବସ, ଟ୍ରାକ୍ଟର ଟାଟା ମ୍ୟାଜିକ, କାର,ଅଟୋ ଭଳି ବହୁ ଯାନ ଦୀର୍ଘ ସମୟ ଧରି ପାର୍କିଙ୍ଗ ହୋଇ ରହିଆସୁଛି। ଏହି ପାର୍କିଙ୍ଗ ଯୋଗୁଁ ପ୍ରଶସ୍ତ ରାସ୍ତା ସଂକୀର୍ଣ୍ଣ ହୋଇ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ୩୦ ରୁ ୩୫ଟି ଦୁର୍ଘଟଣା ଘଟି ଆସିକା ମେଡ଼ିକାଲରେ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଯିବା ରାସ୍ତାରେ ପ୍ରତିଦିନ ଜଣେ ଦୁଇଜଣ ମୃତ୍ୟୁର ଶିକାର ହେଉଛନ୍ତି। ପ୍ରତିଦିନ ଆସିକା ଓ କୋଟିନଡ଼ା ପୋଲିସ ପକ୍ଷରୁ ଅନେକ ଦୁର୍ଘଟଣା ଜନିତ ମାମଲା ରୁଜୁ ହେଉଛି। ୧୦୮ଆମ୍ବୁଲାନ୍ସ ସାଙ୍ଗକୁ ଆସିକା ଦମକଳ ବାହିନୀ ଏହି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏହି ଦୁର୍ଘଟଣା ଏଡ଼େଇବା ପାଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଆସିକା ବର୍ତ୍ତମାନ ସୁଦ୍ଧା ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ମୁତୟନ କରାଯାଇନାହିଁ। ସେହିଭଳି ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଆର ଟିଓ ପକ୍ଷରୁ କୌଣସି କଡା ପଦକ୍ଷେପ ନିଆଯାଉନାହିଁ। ଜିଲ୍ଲା ପ୍ରଶାସନ ସ୍ଥାନୀୟ ମୁନ୍ସିପାଲିଟି ଓ ତହସିଲଦାର, ପୋଲିସ, ଆରଟିଓଙ୍କ ପକ୍ଷରୁ ଏହି ସବୁ ଦୁର୍ଘଟଣା ଘଟୁଥିବା ଅଞ୍ଚଳରୁ ବେଆଇନ ପାର୍କିଙ୍ଗ ହଟାଯାଉନଥିବା ଜଣାଯାଇଛି। ମୁଖ୍ୟତଃ ବେନିୟମ ପାର୍କିଙ୍ଗ ପ୍ରତିଦିନ ନେଉଛି ଜୀବନ। ଏଥିପାଇଁ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଆରଟିଓ ଆସିକା ମୁନ୍ସିପାଲଟି ଓ ଜାତୀୟ ରାଜପଥ ବିଭାଗ ଗୁରୁତର ଦେବାକୁ ଦାବୀ ହେଉଛି।

## ଲଗାଣ ବର୍ଷା: ଧାନ ଓ ପନିପରିବା ଚାଷୀ କ୍ଷତିଗ୍ରସ୍ତ

କଣ୍ଟିଲୋ (ନି.ପ୍ର): ବାତ୍ୟା ପ୍ରଭାବରେ ମଙ୍ଗଳବାର ସକାଳୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଫଳରେ ଏକର ଏକର ଜମିରେ ପାଚିଲା ଧାନ ଫସଲ ପାଣିରେ ଭିଜୁଛି। ଲଘୁ ଧାନ ଚାଷ କରିଥିବା ଚାଷୀମାନେ ଲଗାଣ ବର୍ଷା ଯୋଗୁଁ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ସେହିପରି ପନିପରିବା ଫସଲ ମଧ୍ୟ ଅଦିନିଆ ବର୍ଷା ପ୍ରଭାବରେ ନଷ୍ଟ ହେବାକୁ ବସିଥିବାରୁ ଶୀତଦିନିଆ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିବା ଚାଷୀ ପରିବାରଗୁଡ଼ିକ ଏବେ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି। ଚଳିତ ବର୍ଷ ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ମହାନଦୀ ତଟବର୍ତ୍ତୀ ଅଞ୍ଚଳର ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଏବେ ବି ପ୍ରଦାନ କରାଯାଇ ନଥିବା ବେଳେ ପୁର୍ନବାର ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଏକର ଏକର ଜମିରେ ଧାନ,ମକା, ଆଖୁ ଓ ପନିପରିବା ଚାଷ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି। ୨ ଥର ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖଣ୍ଡପଡ଼ା ଅଞ୍ଚଳର ଶହଶହ ଚାଷୀ ପରିବାରଗୁଡ଼ିକୁ ତଳି ତଳାନ୍ତ କରି ଦେଇଥିବା ବେଳେ କ୍ଷତିଗ୍ରସ୍ତ ଚାଷୀ ପରିବାରଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ରାଜସ୍ୱ ନିରୀକ୍ଷକମାନେ ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ଚାଷୀମାନଙ୍କୁ ଭେଟି କ୍ଷୟକ୍ଷତିର ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀ ପରିବାର ଗୁଡ଼ିକ ଦାବି କରିଛନ୍ତି।




## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

କଟକ(ନିପ୍ର) : ଦୁର୍ନୀତି ନିବାରଣ ସପ୍ତାହ -୨୦୨୬ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ 'ସଚେତନତା ସପ୍ତାହ' ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ସାଧୁତାର ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ିହୋଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ କମଲଜିତ ଦାସ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଆଠଗଡ ଅନିମେଷ ପ୍ରଧାନ,ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ଏହି ସାଧୁତା ଶପଥ ପାଠ କରିଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ'



ଭଦ୍ରକ,(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ 'ସୁରକ୍ଷିତ ବଚପନ 'ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଜିଲ୍ଲା ଦୌରାଜର୍ଜ ତଥା ଆଇନସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସଙ୍ଗେ ସଙ୍ଗେ ଆଇ. ପି. ସି ଧାରା ଓ ଆଜିର ପୋକ୍ସ ଆଇନ କିପରି ଶିଶୁମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛି ଆଇନର ଦିଗଗୁଡିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମନୋଜ ଦାସ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ଏବଂ ପ୍ୟାନେଲ ଅଧିବକ୍ତା ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ଜେନା ନିଜ ଅଭିଭାଷଣରେ ଶିଶୁଙ୍କ ଅଧିକାର ଏବଂ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ପାଇଁ ପ୍ରଣୀତ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପ୍ରାଧିକରଣର ସଚିବ ଶ୍ରୀ ରଥ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ତଥା ଆଇନ ସହ ସଂଘର୍ଷରେ ଥିବା ଶିଶୁଙ୍କ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ବିପଦରେ ଥିବା ଶିଶୁଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବରର ବ୍ୟବହାର ସମ୍ପର୍କରେ ମଧ୍ୟ ସେ ସଚେତନ କରାଇଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀ ଦାସ ମହାପାତ୍ର ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ଏବଂ ସେମାନଙ୍କ ମର୍ଯ୍ୟାଦା ଓ ଗୋପନୀୟତା ଅକ୍ଷୁଣ୍ଣ ରଖିବାର ଗୁରୁତ୍ୱ ଉପରେ ମତ ରଖିଥିଲେ।

## ଭାପୁର ବ୍ଲକରେ ବଢିଲା ଆଉ ଏକ ସମବାୟ ସମିତି

ଭାପୁର,(ନିପ୍ର): ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ପାଇଁ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବାବେଳେ ଭାପୁର ବ୍ଲକରେ ଆଉ ଏକ ନୂତନ ସମବାୟ ସମିତି ଖୋଲିବା ପାଇଁ ନିଷ୍ପତି ନେଇଛନ୍ତି। ପୂର୍ବରୁ,ଭାପୁର ବ୍ଲକରେ ୧୬ ଗୋଟି ସମବାୟ ସମିତି କାର୍ଯ୍ୟକ୍ଷମ କରୁଥିବା ବେଳେ ବର୍ତ୍ତମାନ ୧୭ ଗୋଟି ସୋସାଇଟି ଅର୍ଥାତ ନୂତନ ବାଉଁଶବାଟୀ ସୋସାଇଟିକୁ ମିଶେଇ କାର୍ଯ୍ୟକ୍ଷମ ହେବ। ଏହି ନୂତନ ସୋସାଇଟି ହେବା ଦ୍ୱାରା ବାଦିଲୋ ଏବଂ କରବର ଗ୍ରାମର ଅଧିକାଂଶ କୃଷକ ଉପକୃତ ହେବା ସହିତ ବାଉଁଶବାଟୀ ପଞ୍ଚାୟତର କଇଁଥପୋଖରୀ, ବାଉଁଶବାଟି, ନୂଆଗାଁ,ବାଘେଡିଆ,ଛେଳିଆ ଏବଂ ପୋଡ଼ସାହି ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ କୃଷକ ପରିବାର ଉପକୃତ ହେବେ। ଉଲ୍ଲେଖଯୋଗ୍ୟ,୨୦୨୨ ମସିହା ଠାରୁ ବାଉଁଶବାଟି ଗ୍ରାମରେ ନୂତନ ସୋସାଇଟି କରିବା ପାଇଁ ସେହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଉଦ୍ୟନାଥ ଧଳ ଏବଂ ତାଙ୍କ ପୁଅ ଜିତେଶ ଧଳ ଅପ୍ରାଣ ଉଦ୍ୟମ କରି ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ। ବିଜେପି ସରକାର ୨୩.୧୦.୨୦୨୫ ମସିହାରେ ଏହି ନୂତନ ସୋସାଇଟି କାର୍ଯ୍ୟକାରିତା କରିବା ପାଇଁ ଅନୁମୋଦନ କରିବା ସହିତ ଆର୍ଥିକ ବ୍ୟବସ୍ଥାକୁ ମଞ୍ଜୁର କରିଲେ। ଫଳରେ, ବାଉଁଶବାଟୀ ଗ୍ରାମରେ ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ଭାପୁର ତହସିଲ ପକ୍ଷରୁ ସ୍ଥାନ ନିରୂପଣ କାର୍ଯ୍ୟ ଇତି ମଧ୍ୟରେ ସମାପ୍ତ ହୋଇଛି। ଘର ନିର୍ମାଣ ପର୍ଯ୍ୟନ୍ତ ଭଡା ଘରେ କାର୍ଯ୍ୟାଳୟ ଚାଲିବା ସହିତ କରବର ଗ୍ରାମ ସୋସାଇଟିର ସମ୍ପାଦକ ଦେବାଶିଷ ମହାନ୍ତି ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ହୋଇଛି।

## ଜଳେଶ୍ୱରରେ ବିଜେଡିର ବନ୍ଦ ସଫଳ



ଜଳେଶ୍ୱର,(ନିପ୍ର): ମୃତ ନାବାଳିକାକୁ ନ୍ୟାୟ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଆଜି ଜଳେଶ୍ୱର ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ଆନ୍ଦୋଳନକରିମାନେ ମୃତ ଛାତ୍ରୀର ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ, କାର୍ଯ୍ୟରେ ଅବହେଳା କରିଥିବା ପୋଲିସ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ତଥା ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଜଳେଶ୍ୱର ଟାଉନ ସମେତ ଗ୍ରାମାଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବନ୍ଦ ପାଳନ ବେଳେ ଜରୁରୀକାଳୀନ ସେବା ସମେତ କେବଳ ଦୁଇ ଚକିଆ ଯାନ ଯାତାୟାତ କରୁଥିବା ଦେଖା ଯାଇଥିଲା। ଏହି ବନ୍ଦ ପାଳନରେ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ, ଜିଲ୍ଲା ମହିଳା ସଭାପତି ତଥା ନୀଳଗିରି ବ୍ଲକ ଅଧକ୍ଷା ଶୁଭ ଲକ୍ଷ୍ମୀ ମାଝୀ, ମିନା ରାଣୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ କଟକ ମହାନଗର ନିଗମର ପ୍ରସ୍ତୁତି

# ୯୪ ଆଶ୍ରୟସ୍ଥଳ, ୩୧୦ ପମ୍ପସେଟ୍, ୬ ରାପିଡ୍ ଆକ୍ସନ ଟିମ୍

କଟକ(ନିପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ କଟକ ମହାନଗର ନିଗମ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାତ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା, ଜଳବନ୍ଦୀ ନିୟନ୍ତ୍ରଣ, ଆଶ୍ରୟସ୍ଥଳ ପ୍ରସ୍ତୁତି, ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ବିପର୍ଯ୍ୟୟ ପରିଚାଳନାରେ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ବିପଦପ୍ରବଣ ଅଞ୍ଚଳରେ ଆଗୁଆ ପଦକ୍ଷେପ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର , ଓଡ଼ିଶାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଉଥିବା ବୈଠକରେ ସୂଚନା ଦିଆଯାଇଛି। ବିପଦପ୍ରବଣ ଅଞ୍ଚଳର ଲୋକଙ୍କୁ ଆବଶ୍ୟକ ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ୯୪ଟି ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ଏହି ସ୍ଥାନଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯାଞ୍ଚ କରି ଲୋକଙ୍କ ରହିବା ପାଇଁ ଉପଯୋଗୀ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ଜଳବନ୍ଦୀ ପରିସ୍ଥିତିର ମୁକାବିଲା ପାଇଁ ନିଗମର ୩୧୦ଟି ପମ୍ପସେଟ୍ ଓ ସେଗୁଡ଼ିକର ଚାଳକମାନଙ୍କୁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ହେଲେ ତଳିଆ ଓ ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ତୁରନ୍ତ ପମ୍ପ ମୁତୟନ କରାଯିବ। ଡ୍ରେନ୍ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଫାୟାର୍ ପମ୍ପ ଓ ଭଲ୍‌ଭୋ ପମ୍ପର ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜରୁରୀ ପରିସ୍ଥିତିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ କଟକ ମହାନଗର ନିଗମ ଅଞ୍ଚଳରେ ଗୋଟିଏ ଓଡ୍ରାଫ୍ ଟିମ୍‌କୁ ଷ୍ଟାଣ୍ଡବାଏରେ ରଖାଯାଇଛି। ଏଥିସହ ୬ଟି ରାପିଡ୍ ଆକ୍ସନ ଟିମ୍‌କୁ ତିନୋଟି ସିଫ୍ଟରେ ମୁତୟନ କରାଯାଇଛି। ଆବଶ୍ୟକ ସମୟରେ ଲୋକଙ୍କ ସ୍ଥାନାନ୍ତରଣ ଓ ରିଲିଫ୍ ସହାୟତା ଯୋଗାଇବା ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। କଟକ ମହାନଗର ନିଗମ ଅଧୀନରେ ଥିବା ୨୫ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସୁବିଧା ପ୍ରସ୍ତୁତ ରଖାଯାଇଛି। ସାପ କାମୁଡ଼ା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଏବଂ କୁକୁର କାମୁଡ଼ା ପାଇଁ ଆଣ୍ଟି-ରେବିଜ୍ ଭ୍ୟାକ୍ସିନ୍ ମହଜୁଦ ରଖାଯାଇଛି। ଆସନ୍ତା ସାତ ଦିନ ମଧ୍ୟରେ ପ୍ରସବ ହେବାର ସମ୍ଭାବନା ଥିବା ଗର୍ଭବତୀ ମହିଳାମାନଙ୍କୁ ଆବଶ୍ୟକ ଅନୁଯାୟୀ ଆଗୁଆ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ବିପଦପ୍ରବଣ ଅଞ୍ଚଳର ଲୋକଙ୍କୁ ସଚେତନ କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ମାଇକ୍ ଯୋଗେ ଘୋଷଣା କରିବେ। ଦୁର୍ଗାପୂଜା ସମୟରେ ସ୍ଥାପିତ ବିଭିନ୍ନ ଗେଟ୍ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଜେଇ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ଏହାର ଅନୁଧ୍ୟାନ କରୁଛନ୍ତି। ବୈଠକରେ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି, ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର କିରଣଦୀପ କୌର ସାହୋତା, ଅତିରିକ୍ତ କମିଶନର ସୋନା ଟୁଡୁ ଓ ପରେଶ ନାୟକ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅତନୁ ସାମନ୍ତରାୟ, ସିଟି ଇଞ୍ଜିନିୟର, ତିନୋଟି ଜୋନ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଜରୁରୀକାଳୀନ ବିଭାଗର ଡିସି ଶ୍ରଦ୍ଧା ଗ୍ରହାଚାର୍ଯ୍ୟ, ବିଦ୍ୟୁତ୍ ଯନ୍ତ୍ରୀ ଓ ଅଗ୍ନିଶମ ବାହିନୀର ଅଧିକାରୀ ଉପସ୍ଥିତ ଥିଲେ।



ତିଥି :(ତୃତୀୟା): (କୃତ୍ତିକା ବୃଷ)
ଅମୃତ ବେଳା: ଦିବା ଘ ୬।୩୬ ମଧ୍ୟେ ଘ୭।୨୫ ଗତେ

## ଆଜିର ଅନୁଚିନ୍ତନ

ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ପ୍ରାଣୀମାନଙ୍କର ଚେତନା ଅଟେ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଉପକୂଳ ସୁରକ୍ଷା ଚିନ୍ତା

ଯେକୌଣସି ବାତ୍ୟାକୁ ପ୍ରତିହତ କରିବାରେ ବୃକ୍ଷ ହେଉଛି ଯୋଦ୍ଧା। ଆମ ରାଜ୍ୟର ପ୍ରାୟ ୪୮୦କିମି ବ୍ୟାପୀ ସୁଦୀର୍ଘ ବେଳାଭୂମିରେ ବ୍ୟାପକ ଭାବରେ ବାତ୍ୟା ପ୍ରତିରୋଧକାରୀ ବୃକ୍ଷରୋପଣ ତଥା ସଂରକ୍ଷଣ ନିଶ୍ଚୟ ସୁରକ୍ଷା କବଚ ସାଜିପାରିବ। ମାତ୍ର ବିଡ଼ମ୍ବନା ଯେ ଏ ପର୍ଯ୍ୟନ୍ତ ଏହା ଆଶାନୁରୂପ ହୋଇଛି ବୋଲି ଦାବି କରାଯାଇପାରିବ ନାହିଁ। ଯେବେ ବାତ୍ୟା ଆସେ ସବୁଠୁ ଅଧିକ ବଳିପଡ଼ନ୍ତି ବୃକ୍ଷ। ୧୯୯୯ ମହାବାତ୍ୟା ପରେ ସର୍ବତ୍ର ରାସ୍ତାଗୁଡ଼ିକ ଅବରୋଧ ହୋଇପଡ଼ିଥିଲା ଧରାଶାୟୀ 'ଯୋଦ୍ଧା'ବୃକ୍ଷମାନଙ୍କ ଶରୀର। ରାସ୍ତାମାନ ଖାଁ ଖାଁ ହୋଇଯାଇଥିଲା। ବହୁ ସ୍ଥାନରେ ବର, ଓସ୍ତଠୁ ଆରମ୍ଭ କରି ଆମ୍ବ, ପଣସ, ଜାମୁଗଛ ପ୍ରଭୃତି ଭାଙ୍ଗିରୁଜି ନିଶ୍ଚିହ୍ନ ହୋଇଗଲେ।

ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆମ ଓଡ଼ିଶା ବାତ୍ୟାପ୍ରବଣ। ମାତ୍ର ବହୁ ସମୟରେ ପ୍ରଶ୍ନ ଉଠେ ଉପକୂଳ ସୁରକ୍ଷା ବୃକ୍ଷମାନଙ୍କ ଦ୍ୱାରା କେତେ ମାତ୍ରାରେ ସଂପନ୍ନ ହୋଇପାରିଛି ? ଏବେ ଅର୍ଣ୍ଣବ ବାତ୍ୟା ଅଧିକ ଭାବରେ ଆନ୍ଧ୍ରରେ ତାଣ୍ଡବ ରଚାଇ ଓଡ଼ିଶାକୁ ଅପେକ୍ଷାକୃତ କମ୍ ପ୍ରଭାବ ପକାଉଥିବା ନେଇ ଆକଳନ କରାଯାଇଛି।ଏ ପରିପ୍ରେକ୍ଷୀରେ ଉପକୂଳ ସୁରକ୍ଷା ନିଶ୍ଚୟ ପ୍ରାସଙ୍ଗିକ।

ଏକଦା ଫନି ବାତ୍ୟା ଓଡ଼ିଶା ଉପକୂଳରେ ଯେଉଁ ଭୟଙ୍କର ପ୍ରଭାବ ସୃଷ୍ଟି କରିଥିଲା ଊଣାଅଧିକେ ସମସ୍ତେ ଜାଣନ୍ତି। ସେ ସମୟରେ ବୃକ୍ଷ ଯୋଦ୍ଧାଙ୍କ ସଂପର୍କରେ ଜଣେ ବିଦ୍ୱାନ ଉଲ୍ଲେଖ କରିଥିଲେ ତାହା ସ୍ମରଣ କରାଯାଇପାରେ। 'ଯୋଦ୍ଧା ! ତୁମକୁ ସଲାମ! ଦୀର୍ଘ ଚାରି ଘଣ୍ଟା ଫନି ସହ ପ୍ରାଣାନ୍ତକ ଲଢେଇ କରି ଆମକୁ ରକ୍ଷା କରିଛ। ଅନେକ ପ୍ରାଣବଳି ଦେଇଛ। ଗୁରୁତର ଆହତ ହୋଇଛ। ପକ୍ଷାଘାତରେ ବି ଆକ୍ରାନ୍ତ ହୋଇଛି। ଯେଉଁମାନେ ସହିଦ ହୋଇଛ, ତୁମମାନଙ୍କ ପାଇଁ ଶୋକ କରୁଛି କିଏ? ଯିଏ ରକ୍ତାକ୍ତ, ଗୁରୁତର ଆହତ, ସେମାନଙ୍କ ପାଇଁ ଆହା କରୁଛି କିଏ?'ବୃକ୍ଷର ଭୂମିକା କେତେ ତାହା ଏହିସବୁ ବାକ୍ୟ ପ୍ରମାଣିତ କରେ। ବାତ୍ୟା ସମୟରେ ହେନ୍ତାଳ ବଣ ମଧ୍ୟ ସୁରକ୍ଷା କବଚ ସାଜିଥାଏ। ହେନ୍ତାଳ ବଣ ସଂପ୍ରସାରଣ ଆଶାନୁରୂପ ହୋଇଥିବା ନେଇ ମଧ୍ୟ କୁହାଯାଇପାରିବ ନାହିଁ। ଫାଇଲିନ ହେଉ କି ହୁଡ୍‌ହୁଡ୍ ଅବା ତିତ୍‌ଲି ଏହିପରି ନାନା ନାମଧାରୀ ବାତ୍ୟାର ସମ୍ମୁଖୀନ ହୋଇଛି ଓଡ଼ିଶା। ଆଗକୁ ମଧ୍ୟ ସମ୍ମୁଖୀନ ହେବ। ଏଥିରୁ ଆଦୌ ନିସ୍ତାର ନାହିଁ। କିନ୍ତୁ ମୁକାବିଲା ତଥା ଲୋକଙ୍କ ସୁରକ୍ଷା ଦାୟିତ୍ୱ ପ୍ରଶାସନ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ପ୍ରଲମ୍ବିତ। ଏକଥା ସତ ଯେ ଆମ ଉପକୂଳ ଯେତେ ସୁରକ୍ଷିତ ରହିବ ତାହାଦ୍ୱାରା ବାତ୍ୟାରୁ ରକ୍ଷା ମିଳିବାରେ ସେତିକି ସହାୟତା ମିଳିପାରିବ। ଏବେ ଉପକୂଳରେ ଯେତିକି ବୃକ୍ଷ ଅଛି ଗତ ୧୦୦ ବର୍ଷ ତଳେ ଅଧିକ ଥିଲା, ଏହା ଏଡାଇ ହେବନାହିଁ। ମଣିଷର ଲୋଭ ତଥା ତଥାକଥିତ ବିକାଶ ଆଳରେ କେତେ ଯେ ନଷ୍ଟ ହୋଇଛି ସେ ସଂପର୍କରେ ଆକଳନ କରାଯିବା ସମ୍ଭବପର ନୁହେଁ। ପ୍ରାୟ ୬ବର୍ଷ ତଳେ ଜାତିସଂଘ ଏକ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଥିଲା ଯେ 'ପୃଥିବୀରେ ପ୍ରାୟ ୫୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇସାରିଲାଣି।' ଅବିଚାରିତ ଭାବରେ ଜଙ୍ଗଲ ନଷ୍ଟ ନାନା ଆଳ ବା କାରଣ ଯୋଗୁଁ ହେଉଥିବା ଜଣାଶୁଣା।

ଏକଦା ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନଙ୍କ ଏକ ଅନୁଚିନ୍ତାର କିଛି ଅଂଶ ଉଲ୍ଲେଖ କରାଯାଇପାରେ। ସେହି ଅନୁଚିନ୍ତାର ମର୍ମାର୍ଥ ହେଉଛି- 'ଏ ପୃଥିବୀରେ ଆମ ପରିସ୍ଥିତି ଅଦ୍‌ଭୁତ। ଆମେ ଏଠାକୁ କାହିଁକି ଆସିଛୁ ଜାଣୁନା। ତେବେ ପ୍ରତ୍ୟେକ ଏକ ସ୍ୱଳ୍ପକାଳୀନ ଗସ୍ତରେ ଆସିଛୁ। ବେଳେବେଳେ ଆମକୁ ଲାଗେ ସତେ ଯେମିତି ଆମେ ଏଠାକୁ ଆସିବାର ଉଦ୍ଦେଶ୍ୟ ଜାଣିଛୁ। ଦୈନନ୍ଦିନ ଜୀବନ ଦୃଷ୍ଟିକୋଣରୁ ଆମେ ଗୋଟିଏ କଥା ନିଶ୍ଚିତ ଭାବରେ ଜାଣିଛୁ- ମନୁଷ୍ୟ ଏଠାକୁ ଆସିଛି ଅନ୍ୟ ମନୁଷ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ।'

ଉପକୂଳ ବୃକ୍ଷରୋପଣ ତଥା ସଂରକ୍ଷଣ ଦିଗରେ ପ୍ରଶାସନ ଠାରୁ ଦରଦୀ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଭୂମିକା ରହୁ । ଏ ବାବଦେ ଦୀର୍ଘମିଆଦି ଯୋଜନା ପୂର୍ବକ କାର୍ଯ୍ୟକାରୀ ହେଉ। ଏହା ମଣିଷପଣିଆର ଚେତନା ଭାବରେ ସାବ୍ୟସ୍ତ ହୋଇପାରିବ।

# ସ୍ୱାଧୀନତା ଅଛି, ସୁରକ୍ଷା କାହିଁକି ନାହିଁ ?

**ଡ. ଏଚ୍ ପାର୍ଥସାରଥୀ**

ଆଜି ଆମେ ଗର୍ବର ସହ କହୁଛୁ—ଆମ ସମାଜ ଆଧୁନିକ ହୋଇଛି। ଝିଅମାନେ ପାଠ ପଢୁଛନ୍ତି, ଚାକିରି କରୁଛନ୍ତି, ବଡ଼ ବଡ଼ ପଦବୀରେ ପହଞ୍ଚୁଛନ୍ତି। ନାରୀ ସଶକ୍ତିକରଣ, ନାରୀ ସ୍ୱାଧୀନତା ଓ ନାରୀ ସୁରକ୍ଷାକୁ ନେଇ ସରକାରୀ ସ୍ତରରେ ଅନେକ ଯୋଜନା ଓ ଆଇନ ରହିଛି। କିନ୍ତୁ ଗୋଟିଏ ପ୍ରଶ୍ନ ଆଜି ବି ଆମ ସମସ୍ତଙ୍କୁ ଅସହଜ କରେ—ସତରେ କଣ ଆମ ଝିଅ, ଭଉଣୀ ଓ ବୋହୂମାନେ ସୁରକ୍ଷିତ ? ନାରୀକୁ ମଣିଷ ଭାବେ ନୁହେଁ, ନିଜର ବିକୃତ ଚିନ୍ତାର ଏକ ବସ୍ତୁ ଭାବେ ଦେଖିବା ମାନସିକତା ଆଜି ବି ସମାଜର କିଛି ଅଂଶରେ ବଞ୍ଚିଛି।

ଏହି ସମସ୍ୟା କେବଳ ରାସ୍ତାଘାଟରେ ନୁହେଁ। ଅଫିସରେ ବଡ଼ ପଦବୀରେ ବସିଥିବା ବ୍ୟକ୍ତିଠାରୁ ଆରମ୍ଭ କରି ରାସ୍ତାକଡ଼ରେ ବୁଲି ବିକ୍ରି କରୁଥିବା ଲୋକ ପର୍ଯ୍ୟନ୍ତ, ଶିକ୍ଷିତ ବ୍ୟକ୍ତିଠାରୁ ନିଶାସକ୍ତ ବେକାର ଯୁବକ ପର୍ଯ୍ୟନ୍ତ—ଯେଉଁଠି ମାନସିକତା ବିକୃତ, ସେଠି ନାରୀ ପ୍ରତି ଅସମ୍ମାନର ବିପଦ ରହିଛି। ପୋଷାକ, ବୟସ, ପଦବୀ, ଶିକ୍ଷା କିମ୍ବା ସାମାଜିକ ସ୍ଥିତି ଏହି ମାନସିକତାକୁ ସବୁବେଳେ ବଦଳାଇ ପାରେନାହିଁ। ତେବେ ପ୍ରଶ୍ନ ଉଠେ,ଏହା କଣ ଆମର ଆଧୁନିକ ଶିକ୍ଷା ? ଆଜି ଜଣେ ପିଲା ଉଚ୍ଚ ନମ୍ବର ରଖି ଇଞ୍ଜିନିୟର, ଡାକ୍ତର, ଅଫିସର କିମ୍ବା ପ୍ରଫେସର ହୋଇପାରୁଛି। କିନ୍ତୁ ଯଦି ସେ ଜଣେ ନାରୀକୁ ସମ୍ମାନ କରିବା ଶିଖିନାହିଁ, ତେବେ ସେହି ଶିକ୍ଷା କେତେଦୂର ସଫଳ ? ଡିଗ୍ରୀ ମଣିଷକୁ ଚାକିରି ଦେଇପାରେ, କିନ୍ତୁ ମୂଲ୍ୟବୋଧ ହିଁ ମଣିଷକୁ ମଣିଷ କରେ।

ନାରୀ ସୁରକ୍ଷା କେବଳ ପୋଲିସର ଦାୟିତ୍ୱ ନୁହେଁ। ଆଇନ ଦରକାର, କଠୋର ଶାସ୍ତି ଦରକାର, ଦ୍ରୁତ ନ୍ୟାୟ ଦରକାର—କିନ୍ତୁ ଏହା ସହିତ ଆବଶ୍ୟକ ମାନସିକତାର ପରିବର୍ତ୍ତନ। ପ୍ରତ୍ୟେକ ଘଟଣା ପରେ କେବଳ ସରକାରକୁ ଦୋଷ ଦେଇ ଆମେ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବା ନାହିଁ। ଭାବନ୍ତୁ, ଯେତେବେଳେ ଚାରି ବର୍ଷର ଗୋଟିଏ ଝିଅ ସ୍କୁଲକୁ ଯାଏ, ସେ ଘରକୁ ନିରାପଦରେ ଫେରିବା ପର୍ଯ୍ୟନ୍ତ ବାପା-ମାଆଙ୍କ ମନରେ ଭୟ ରହେ। ଝିଅ କଲେଜ ଯାଉଥିଲେ ଫୋନ୍ କରି କରି ତାର ଖବର ନିଆଯାଏ। ଚାକିରି କରୁଥିବା ଝିଅ ରାତିରେ ଘରକୁ ଫେରିଲେ ପରିବାର ଚିନ୍ତିତ ହୁଏ। ଏହା କ'ଣ ଆମେ କହୁଥିବା ସ୍ୱାଧୀନତା ?

ସ୍ୱାଧୀନତାର ଅର୍ଥ କେବଳ ଘରୁ ବାହାରିବାର ଅଧିକାର ନୁହେଁ; ଭୟ ବିନା ଘରୁ ବାହାରି ପାରିବାର ଅଧିକାର। ଆମେ ପ୍ରାୟତଃ ଝିଅମାନଙ୍କୁ ସତର୍କ କରୁ—ଏକୁଟିଆ ଯିବନି, ଅଜଣା ଲୋକଙ୍କ ସହ କଥା ହୁଅନି, ରାତିରେ ବାହାରକୁ ଯିବନି, ଏମିତି ପୋଷାକ ପିନ୍ଧନି। ଏହି ସତର୍କତାର ନିଜସ୍ୱ ସ୍ଥାନ ଥାଇପାରେ, କିନ୍ତୁ ଆମେ ପୁଅମାନଙ୍କୁ କେତେଥର କହୁ—"ଜଣେ ଝିଅ ତୁମଠାରୁ ଦୁର୍ବଳ ନୁହେଁ, ତାଙ୍କୁ ସମ୍ମାନ କରିବା ତୁମର ଦାୟିତ୍ୱ।" ଏହି ଶିକ୍ଷା ଘରୁ ଆରମ୍ଭ ହେବା ଦରକାର। ମାଆ-ବାପା ପୁଅ ଓ ଝିଅ ମଧ୍ୟରେ ଭେଦଭାବ ନକରି ସମାନ ମୂଲ୍ୟବୋଧ ଦିଅନ୍ତୁ। ସ୍କୁଲରେ କେବଳ ଗଣିତ, ବିଜ୍ଞାନ ଓ ଇଂରାଜୀ ନୁହେଁ—ସମ୍ମାନ, ସମ୍ମତି, ଦାୟିତ୍ୱ, ମାନବିକତା ଓ ଲିଙ୍ଗ ସମାନତା ବିଷୟରେ ମଧ୍ୟ ଶିକ୍ଷା ଦିଆଯାଉ। ସମାଜରେ ମଧ୍ୟ ନାରୀଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ, ଅସମ୍ମାନଜନକ ମଜାକ ଓ ନିରବ ସମର୍ଥନକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ।

ସରକାରଙ୍କ ଦାୟିତ୍ୱ ମଧ୍ୟ କମ୍ ନୁହେଁ। ସୁରକ୍ଷିତ ରାସ୍ତା, ଭଲ ଆଲୋକ ବ୍ୟବସ୍ଥା, ସିସିଟିଭି, ଦ୍ରୁତ ପୋଲିସ ପ୍ରତିକ୍ରିୟା, ଅଭିଯୋଗ ଗ୍ରହଣର ସହଜ ବ୍ୟବସ୍ଥା, ପୀଡ଼ିତାଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଏବଂ ଦ୍ରୁତ ନ୍ୟାୟ—ଏସବୁକୁ ଶକ୍ତିଶାଳୀ କରିବା ଆବଶ୍ୟକ। ନାରୀକୁ ସୁରକ୍ଷା ଦେବା ମାନେ କେବଳ ନାରୀକୁ ବଞ୍ଚାଇବା ନୁହେଁ; ଆମ ସମାଜର ମାନବିକତାକୁ ବଞ୍ଚାଇବା। ଆମ ଝିଅମାନଙ୍କୁ ଭୟ ନୁହେଁ, ବିଶ୍ୱାସ ଦରକାର। ଆଜି ଯଦି ଆମେ ନିଜ ପୁଅମାନଙ୍କୁ ନାରୀକୁ ସମ୍ମାନ କରିବା ଶିଖାଇପାରିଲୁ ନାହିଁ, ତେବେ ଆସନ୍ତାକାଲି ଆମ ଝିଅମାନଙ୍କ ସୁରକ୍ଷା ନେଇ ଯେତେ ବଡ଼ ବଡ଼ ଆଇନ କରିଲେ ବି, ଆମର ଚିନ୍ତା ଶେଷ ହେବ ନାହିଁ। କାରଣ ସୁରକ୍ଷିତ ନାରୀ ହେଉଛି ସଭ୍ୟ ସମାଜର ପରିଚୟ। ଆଉ ନାରୀକୁ ସମ୍ମାନ କରିବା ହିଁ ପ୍ରକୃତ ଶିକ୍ଷା। "ଝିଅ ସୁରକ୍ଷିତ ନୁହେଁ, ସମାଜ ଶିକ୍ଷିତ କେମିତି ?"

ଭଦ୍ରକ,ମୋ -୯୮୬୧୦୧୨୪୧୧

# କୃତ୍ରିମ ବୁଦ୍ଧିମତ୍ତା ଓ ଶରୀର ପାଇଁ ଡାଏଟ ବ୍ୟବସ୍ଥା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

**ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ଆମର ଜୀବନରେ ଏକ ଅମୂଲ୍ୟ ଉପକରଣ ରୂପେ ଉଭା ହୋଇଛି। ଏବେ ଅନେକ ଲୋକ ଏଆଇ ସଂଚାଳିତ ଡାଏଟ ଯୋଜନାରେ ନିଜକୁ ଖାପ ଖୁଆଇ ପାରିଛନ୍ତି। ଡାଏଟ ପାଇଁ ଡାଏଟିସିଆନଙ୍କ ଆପ୍‌ଗୁଡ଼ିକ ଆମକୁ ପରାମର୍ଶ ଦେଉଛି କ'ଣ ଖାଇବେ, କ'ଣ ଖାଇବେନି, କେଉଁଥିରେ ଅଧିକ ପୋଷକ ତତ୍ତ୍ୱ ରହୁଛି, ଏମିତି କେତେ କ'ଣ। ହେଲେ କେବେ ଆମ ମନକୁ ପ୍ରଶ୍ନ ଆସିଛି ବାସ୍ତବରେ କ'ଣ ଏଆଇ ଆଧାରିତ ଡାଏଟ ଆପ ଗୁଡ଼ିକ ଆମକୁ ଉଚିତ ପରାମର୍ଶ ଦେଇପାରୁଛନ୍ତି ? କିଛି ବିଶେଷଜ୍ଞଙ୍କ ମତରେ ଏହି ଆପ ଗୁଡ଼ିକର ଯେତିକି ଲାଭ ଅଛି ସେତିକି କ୍ଷତି ଅଛି। ଏହି ଏଆଇ ଆଧାରିତ ଆପ ଗୁଡ଼ିକରେ ମାନବିକ ହସ୍ତକ୍ଷେପ ଅଧିକ ଥାଏ। ଅର୍ଥାତ୍ ଆମେ ଏଥିରେ ଯାହା ତଥ୍ୟ ଦେଇଥାଉ ଏହା ସେହି ଆଧାରରେ ଆମର ଡାଏଟ ଯୋଜନା ପ୍ରସ୍ତୁତ କରିଥାଏ। ତାଠାରୁ ଅଧିକ କିଛି କରିବା ଏହା ପକ୍ଷେ ସମ୍ଭବ ନୁହେଁ। କାରଣ ଏହା ଆମର ଓଜନ, ଉଚ୍ଚତା, ପ୍ରତିଦିନର ଖାଦ୍ୟ ତାଲିକାକୁ ନେଇ ଡାଏଟ ପ୍ରସ୍ତୁତ କରିଥାଏ**

ବ ର୍ତ୍ତମାନର ସମୟରେ ଆମ ମାନଙ୍କର ଦୈନନ୍ଦିନ ରୁଟିନ ବନ୍ଧା ଜୀବନରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ନାହିଁ ବରଂ ଆମର ପ୍ରତିଟି ଜୀବନର କ୍ଷେତ୍ରକୁ ପ୍ରଭାବିତ କରୁଛି। ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ଆମର ଫିଟନେଟସ ଟ୍ରେନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛି। ବର୍ତ୍ତମାନର ବ୍ୟସ୍ତ ଜୀବନ ଶୈଳୀରେ ଜିମ ଯାଇ ୱାର୍କଆଉଟ କରିବାକୁ ସମୟ ନାହିଁ କେହି କେହି କୁହନ୍ତି ଏଥିରେ ସମୟ ମଧ ବରବାଦ ତେଣୁ ଅନେକ ଫିଟନେସ ଆପ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ାଯାଉଛି। ପୃଥିବୀ ବିଖ୍ୟାତ ସ୍ୱାସ୍ଥ୍ୟ ରିସର୍ଚ୍ଚ ପତ୍ରିକା ଲାନସେନଟର ତଥ୍ୟ ଅନୁଯାୟୀ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ। ଏବଂ ସେହି ସମୟ ବେଳକୁ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ୧୦.୦୨ କୋଟିରେ ପହଞ୍ଚିପାରିବ। ଘରେ ୱାର୍କ ଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଏଆଇ ବା କୃତ୍ରିମବୁଦ୍ଧିମତ୍ତା ଉପରେ ନିର୍ଭର କରୁଛନ୍ତି।

ଟେକ୍ନୋଲୋଜିରେ ବିକାଶ ଲୋକମାନଙ୍କୁ ନିଜର ସ୍ୱାସ୍ଥ୍ୟ ଏବଂ ଫିଟନେସ ସ୍ତରରେ ସୁଧାର ଆଣିବାରେ ସାହାଯ୍ୟ କରୁଛି। ବର୍ତ୍ତମାନ ବହୁ ସଂଖ୍ୟକ ଫିଟନେସ ଆପ, ଜିମ୍ ମ୍ୟାନେଜମେଣ୍ଟ ସଫ୍ଟୱେୟାର, ଗ୍ୟାଜେଟ ଏବଂ ପୋଷାକ ଉପଲବ୍ଧ ହେଉଛି। ଏହା ବହୁ ଲୋକପ୍ରିୟ ମଧ୍ୟ ହେଲାଣି ପୋଷାକ ପିନ୍ଧି ୱାର୍କଆଉଟ କରିବା ଏବେର ଟ୍ରେଣ୍ଡ। ନିଜକୁ ଫିଟ ରଖିବା ଏବଂ ବ୍ୟବସ୍ଥିତ ଦିନଚର୍ଯ୍ୟା ଆପଣାଇବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସାହାଯ୍ୟ କରୁଛି। ହେଲେ ଫିଟ ରହିବା ପାଇଁ ବ୍ୟାୟାମ ଦରକାର ନ ଥାଏ। ଏହା ସହିତ ଡାଏଟ ମଧ୍ୟ ଜରୁରୀ। ଫିଟନେସ ଲକ୍ଷ୍ୟକୁ ଉପଯୁକ୍ତ ଡାଏଟ ବିନା ହାସଲ କରାଯାଇପାରିବ ନାହିଁ। ତେଣୁ ଏବେ ଏମିତି ଏଆଇ ଆଧାରିତ ଆପଗୁଡ଼ିକୁ ଡିଜାଇନ କରାଯାଉଛି ଯାହା ମାଧ୍ୟମରେ ଲୋକମାନେ ଉପଯୁକ୍ତ ଡାଏଟ ଅନୁସରଣ କରି ଫିଟ ରହିପାରୁଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ତାଙ୍କର ଆବଶ୍ୟକ ମୁତାବକ ଡାଏଟ ଡାଇଗ୍ରାମ ଏଆଇ ଆଧାରିତ ଆପ୍ ସାହାଯ୍ୟରେ ତିଆରି କରାଯାଉଛି ଏବଂ ୟୁଜର୍ସଙ୍କୁ ଡାଏଟ ଆଧାରରେ ଉଚିତ ଟ୍ରାକରେ ରହିବାକୁ ସମୟ ସମୟରେ ମନେପକାଇବାର ନୋଟିଫିକେସନ ପଠାଉଛି ଉପଭୋକ୍ତାଙ୍କୁ। ଏହି ଆପ୍ଲିକେସନ ପ୍ରତ୍ୟେକ ବ୍ୟକ୍ତିଙ୍କ ଫିଟନେସର ଅଗ୍ରଗତି ଉପରେ ନଜର ରଖିଥାଏ ଏବଂ ସେହି ଅନୁଯାୟୀ ପରାମର୍ଶ ଦେଇଥାଏ। ଏହି ଆପ୍ ଗୁଡ଼ିକ ସେମିତି କାମ



କରେ ଯେମିତି କୌଣସି ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରତି ସମୟରେ ଆପଣଙ୍କ ସହିତ ଥାଆନ୍ତି।

ବର୍ତ୍ତମାନ ପ୍ରଶ୍ନ ହେଉଛି ଡାଏଟ ଯୋଜନା ସହ ଜଡ଼ିତ ପରାମର୍ଶ ଦେବାର ଏହି ଟେକ୍ନୋଲୋଜି କେତେ ପ୍ରଭାବଶାଳୀ ? ଏହାକୁ ନେଇ ଏକ ଅନୁସନ୍ଧାନକାରୀ ଦଳ ଉପଭୋକ୍ତାଙ୍କୁ ନେଇ ସର୍ଭେ କରିଥିଲେ। ପାଞ୍ଚଜଣ ଉପଭୋକ୍ତାଙ୍କ ମଧ୍ୟରୁ ତିନିଜଣ ଏଥିରେ ସହମତ ହୋଇଥିଲେ ଯେ ଏହା ପ୍ରଭାବଶାଳୀ ହୋଇପାରେ। ବିଶେଷଜ୍ଞଙ୍କ କହିବା ଥିଲା ଏଆଇ ନା କେବଳ ସ୍ୱାସ୍ଥ୍ୟ ଆହାରକୁ ନେଇ ପରାମର୍ଶ ଦେବାରେ ସାହାଯ୍ୟ କରେ ବରଂ ଏହା ମଧ କହିଥାଏ ଯେ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଏବଂ କେଉଁ ଜିନିଷ ଖାଇବା ଉଚିତ ନୁହେଁ। ଯେମିତି ଓଜନ କମ କରୁଥିବା ବ୍ୟକ୍ତି ଯଦି ଏଆଇ ଆଧାରିତ ଡାଏଟ ଆପର ସାହାଯ୍ୟ ନିଅନ୍ତି ତେବେ ସେଥିରେ ଏମିତି ଅନେକ ଖାଦ୍ୟପେୟକୁ ବର୍ଗୀକୃତ କରାଯାଇଥାଏ ଯାହା ଓଜନ କମ୍ କରିବାରେ ସାହାଯ୍ୟ କରିବ। ସେମିତି ଯେଉଁମାନଙ୍କର ଏସିଡିଟି ଏବଂ ଆଲର୍ଜିକ ସମସ୍ୟା ଥାଏ ସେମାନେ ମଧ କେଉଁ ଡାଏଟ ଗ୍ରହଣ କରିବେ ଏହି ଏଆଇ ଆପ୍‌ଗୁଡ଼ିକରୁ ଜଣା ପଡ଼ିଥାଏ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ଆମର ଜୀବନରେ ଏକ ଅମୂଲ୍ୟ ଉପକରଣ ରୂପେ ଉଭା ହୋଇଛି। ଏବେ ଅନେକ ଲୋକ ଏଆଇ ସଂଚାଳିତ ଡାଏଟ ଯୋଜନାରେ ନିଜକୁ ଖାପଖୁଆଇ ପାରିଛନ୍ତି। ଡାଏଟ ପାଇଁ ଡାଏଟିସିଆନଙ୍କ ଆପଗୁଡ଼ିକ ଆମକୁ ପରାମର୍ଶ ଦେଉଛି କ'ଣ ଖାଇବେ, କ'ଣ ଖାଇବେନି, କେଉଁଥିରେ ଅଧିକ ପୋଷକ ତତ୍ତ୍ୱ ରହୁଛି, ଏମିତି କେତେ କଣ। ହେଲେ କେବେ ଆମ ମନକୁ ପ୍ରଶ୍ନ ଆସିଛି ବାସ୍ତବରେ କ'ଣ ଏଆଇ ଆଧାରିତ ଡାଏଟ ଆପଗୁଡ଼ିକ ଆମକୁ ଉଚିତ ପରାମର୍ଶ ଦେଇପାରୁଛନ୍ତି ? କିଛି ବିଶେଷଜ୍ଞଙ୍କ ମତରେ ଏହି ଆପ ଗୁଡ଼ିକର ଯେତିକି ଲାଭ ଅଛି ସେତିକି କ୍ଷତି ଅଛି। ଏହି ଏଆଇ ଆଧାରିତ ଆପ ଗୁଡ଼ିକରେ ମାନବିକ ହସ୍ତକ୍ଷେପ ଅଧିକ ଥାଏ। ଅର୍ଥାତ୍, ଆମେ ଏଥିରେ ଯାହା ତଥ୍ୟ ଦେଇଥାଉ ଏହା ସେହି ଆଧାରରେ ଆମର ଡାଏଟ ଯୋଜନା ପ୍ରସ୍ତୁତ କରିଥାଏ। ତାଠାରୁ ଅଧିକ କିଛି କରିବା ଏହା ପକ୍ଷେ ସମ୍ଭବ ନୁହେଁ। କାରଣ ଏହା ଆମର ଓଜନ, ଉଚ୍ଚତା, ପ୍ରତିଦିନର ଖାଦ୍ୟ ତାଲିକାକୁ ନେଇ ଡାଏଟ ପ୍ରସ୍ତୁତ କରିଥାଏ। ଯଦି ଏଥିରେ ଆମେ ଭୁଲ ତଥ୍ୟ ଫିଡ କରିଥାଉ ଏହା ଆମକୁ ଭୁଲ ପରାମର୍ଶ ମଧ ଦେଇପାରେ।

ତେଣୁ ଏହି ଏଆଇ ସଂଚାଳିତ ଆପ ଗୁଡ଼ିକ ଠାରୁ ପରାମର୍ଶ ନେବାବେଳେ ଏଥିରେ ଡାଟା ଠିକ ଦେବା ଉଚିତ। ଆହୁରି କିଛି ଡାଏଟିସିଆନଙ୍କ ମତରେ ବର୍ତ୍ତମାନ ଅଧିକ ଯୁବପିଢ଼ି ଏହି ଆପ ଗୁଡ଼ିକ ଉପରେ ବେଶି ନିର୍ଭରଶୀଳ। କିନ୍ତୁ ଏଆଇ ଡାଏଟ ଚାଟ ବାସ୍ତବରେ ସେତିକି ପ୍ରଭାବୀ ହୋଇପାରେ ଯଦି ଏହାକୁ ଜଣେ ଠିକ ଭାବେ ଅନୁସରଣ କରିବ। ଅର୍ଥାତ୍ ଜଣେ ଡାଏଟିସିଆନ ଯେମିତି ଡାଏଟ ବିଷୟରେ ବିସ୍ତୃତ ଭାବେ କହିପାରନ୍ତି, ଏଥିରେ ସେମିତି ନ ଥାଏ। କୌଣସି ଡାଏଟକୁ କେମିତି ଅନୁସରଣ କରିବା କଥା, ଅଧିକ ମାତ୍ରାରେ କଲେ କ'ଣ କ୍ଷତି ରହିଛି ଏସବୁ କେବଳ ଜଣେ ଡାଏଟିସିଆନଙ୍କ ପାଖରୁ ଜଣାପଡ଼େ। କିନ୍ତୁ ଏଆଇ ଆଧାରିତ ଡାଏଟ ଚାଟରେ ବିଭିନ୍ନ ପ୍ରକାର ଡାଏଟ ତାଲିକା ଥିଲେ ମଧ ଏହା କେବଳ ଆମକୁ ସ୍କ୍ରିନ ମାଧ୍ୟମରେ ପରାମର୍ଶ ଦେଇପାରେ। ତେବେ ପ୍ରକୃତ ବ୍ୟବସ୍ଥା ଅନୁଯାୟୀ ସ୍ୱାସ୍ଥ୍ୟ ସଚେତନତା ଓ ଶରୀରକୁ ଫିଟ ରଖିବା ନିଶ୍ଚିନ୍ତ ଭାବରେ ଉପାଦେୟ।

କଟକ,
ମୋ : ୯୪୩୮୨୭୬୭୬୦

# ଦୁର୍ଗାପୂଜା ସେକାଳ ଏବଂ ଏକାଳ

**ବିଷ୍ଣୁ ପ୍ରସାଦ ଦାସ**

**ବର୍ତ୍ତମାନ ଭସାଣି ସମୟରେ ମଧ ଅଶ୍ଳୀଳ ନାଚ ଗୀତ, ମଦ୍ୟପମାନଙ୍କ ଅଶାଳୀନ ବ୍ୟବହାର, ଅତ୍ୟଧିକ ଧ୍ୱନି ଉତ୍ପନ୍ନ କରୁଥିବା ଏକାଧିକ ଉଚ୍ଚ ଶକ୍ତି ସମ୍ପନ୍ନ ସ୍ପିକର ( ଡିଜେର ବୈକଳ୍ପିକ ସଂସ୍କରଣ) , ଭାଇବ୍ରେଟର ଗୁଡିକର ବହୁଳ ବ୍ୟବହାର ସାଧାରଣ ଜନତାଙ୍କୁ ମରଣାନ୍ତକ କଷ୍ଟ ଦେଉଛି । ଅତୀତର ଭସାଣି ସମୟରେ ଢୋଲ, ମହୁରୀ, ବ୍ରାସ୍ ବ୍ୟାଣ୍ଡ ପାର୍ଟି, ଘଣ୍ଟ ଘଣ୍ଟାର ସୁମଧୁର ଶବ୍ଦ ସହିତ ରାତ୍ରିରେ ରଙ୍ଗ ବେରଙ୍ଗର ଗ୍ୟାସ ଲାଇଟ୍ , ମହତାବ (ଏକ ପ୍ରକାର ରଙ୍ଗିନ ବାରୁଦ) ଜଳାଇ ମୂର୍ତ୍ତି ଏବଂ ମେଢ଼ର ସୌନ୍ଦର୍ଯ୍ୟ ବହୁଗୁଣିତ କରାଯାଉଥିଲା । କିଛି କଳାକାରମାନେ ବନାଟି ବୁଲାଇ ନିଜର କଳା କୌଶଳ ପରିବେଷଣ କରୁଥିଲେ । ମା'ଙ୍କୁ ସସମ୍ମାନେ କାଠଯୋଡ଼ି ନଦୀରେ ବିସର୍ଜନ କରାଯାଉଥିଲା ।**

ଭା ରତବର୍ଷର ବିଭିନ୍ନ ସ୍ଥାନରେ ମା'ଦୁର୍ଗାଙ୍କ ଶାରଦୀୟ ପୂଜା ଦେଖିବାର ସୌଭାଗ୍ୟ ହେତୁ ପାଇବା ଦିନ ଠାରୁ ପାଇ ଆସିଛି । ଅନେକ ସ୍ମୃତି ମନ ମଧ୍ୟରେ ସାଇତା ହୋଇ ରହିଛି । ସମୟର ସହିତ ତାଳ ଦେଇ ବିଗତ ଛଅ / ସାତ ଦଶନ୍ଧି ମଧ୍ୟରେ ଆମ ସଂସ୍କୃତିର ଏହି ମହାନ ପର୍ବ ପାରମ୍ପରିକ ରୀତିନୀତିରୁ ଆରମ୍ଭ କରି ଆଜିର ଆଧୁନିକ, ଆଲୋକମାଳା ଓ ଭବ୍ୟ ତୋରଣ ଶୈଳୀ ପର୍ଯ୍ୟନ୍ତ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ପାଇଛି ।

ଲିଖିତ ଇତିହାସ ଅନୁସାରେ, ସବୁଠାରୁ ପ୍ରାମାଣିକ ମୂଳଦୁଆ ହେଉଛି ୧୫୧୦ ମସିହା । ସେହି ବର୍ଷ ପ୍ରସିଦ୍ଧ ସନ୍ଥ ଶ୍ରୀ ଚୈତନ୍ୟ ମହାପ୍ରଭୁ ପୁରୀ ଯିବା ବାଟରେ କଟକରେ ବିଶ୍ରାମ ନେଇଥିଲେ । ସେ କଟକର ଗଡଗଡ଼ିଆ ଘାଟରେ ସ୍ନାନ କରି ମହାନଦୀ କୂଳରୁ ମାଟି ନେଇଥିଲେ । କଟକର ବିନୋଦ ବିହାରୀ / ବାଲୁ ବଜାର ଅଞ୍ଚଳରେ ମୃଣ୍ମୟୀ ଦୁର୍ଗା ପ୍ରତିମା ଗଢ଼ି ପୂଜା ଆରମ୍ଭ କରିଥିଲେ । ସେହି ଦିନରୁ ବାନାର୍ଜୀ ପରିବାର ଆଜି ପର୍ଯ୍ୟନ୍ତ ବଂଶାନୁକ୍ରମିକ ଭାବେ ବାଲୁବଜାର/ ବିନୋଦ ବିହାରୀ ପୂଜା ମଣ୍ଡପରେ ପୂଜାର ଆୟୋଜନ କରି ଆସୁଛନ୍ତି । ତେଣୁ କଟକ ସହରର ସାଧାରଣ ଲୋକଙ୍କ ଦ୍ୱାରା ଆୟୋଜିତ ପୂଜା ମଧ୍ୟରେ ବାଲୁ ବଜାର ପୂଜା କମିଟି ସବୁଠାରୁ ପୁରୁଣା । ୧୯୫୬ ମସିହା ଠାରୁ ଚୌଧୁରୀ ବଜାର ପୂଜା କମିଟି ଦ୍ୱାରା ପ୍ରଥମ ଥର ପାଇଁ ଚାନ୍ଦି ମେଢ଼ ପ୍ରସ୍ତୁତ ହେଲା । ଏହା ଏକ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟି ଯାଇଥିଲା । ସେହି ସମୟରେ ପ୍ରାୟ ୨.୫ କୁଇଣ୍ଟାଲ ରୁପା ବ୍ୟବହାର ହୋଇ ତାରକସି କାରୁକାର୍ଯ୍ୟ ପୂର୍ଣ୍ଣ ଚାନ୍ଦି ମେଢ଼ ପ୍ରସ୍ତୁତ ହୋଇଥିଲା । ଦୀର୍ଘ ୩୫ ବର୍ଷ ଧରି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଚାନ୍ଦି ମେଢ଼ ଚଉଧୁରୀ ବଜାର ନିମନ୍ତେ ସାରା ପ୍ରଦେଶରେ ନିଜର ଗୌରବ ବଜାୟ ରଖିଥିଲା । ୧୯୯୧ ମସିହାରେ ସେକ୍ ବଜାର ପୂଜା କମିଟି ଦ୍ୱିତୀୟ ଚାନ୍ଦି ମେଢ଼ର ମାନ୍ୟତା ପାଇଲା ।

ସାଜସଜ୍ଜାକୁ ଯଦି ତର୍ଜମା କରିବା ତେବେ ପିଲାବେଳେ ଆମେ ଦେଖି ଆସିଛୁ ମଣ୍ଡପ ଗୁଡିକ ସମ୍ମୁଖରେ ସୁନ୍ଦର ଭାବେ ଦେବଦାରୁ ଗଛର ପତ୍ର ଦ୍ୱାରା ଆଚ୍ଛାଦିତ ଛାମୁଣ୍ଡିଆ ହୋଇଥାଏ । କଦଳୀ ଗଛ ବନ୍ଧା ହୋଇ ଥାଏ, ମା'ଙ୍କ ମୂର୍ତ୍ତିଙ୍କ ପଛପଟେ ସୁନ୍ଦର ଜରି ଜମ୍ଭୁରା କାର୍ଯ୍ୟରେ ଝଲମଲ କରୁଥିବା ମେଢ଼ ଶୋଭା ପାଉଥାଏ । ଅନେକ ସ୍ଥାନରେ ବିଜୁଳି ସଂଯୋଗ ଅଭାବରୁ ପେଟ୍ରୋମାକ୍ସ ଲାଇଟ୍‌ର ବ୍ୟବହାର ମଧକ୍ ଦେଖା ଯାଉଥିଲା । ଢୋଲ ମହୁରୀର ସୁମଧୁର ଶବ୍ଦ ଭକ୍ତ ମନ ଭିତରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରାଉଥିଲା । ପୂଜା ସମୟରେ ଧୂପ ଦୀପ , ଝୁଣା ଅଗରୁର ମହକ ଖଣ୍ଡ ମଣ୍ଡଳକୁ ବ୍ୟାପି ଯାଉଥିଲା । ମହାଷ୍ଟମୀ ଦିନ ଅନେକ ଶକ୍ତି ପୀଠରେ ବଳି ପ୍ରଥା ପ୍ରଚଳିତ ଥିଲା ।

ଦୁର୍ଗା ପୂଜା ସମୟରେ ନୂତନ ଲୁଗାପଟା ପିନ୍ଧି ଅଷ୍ଟମୀ ପୂଜା କରିବାର ବିଧି ଥିଲା, ଆଜି ମଧ ରହିଛି । ସେ ସମୟରେ ବନ୍ଧୁ କୁଣିଆ ଆସି ପହଞ୍ଚି ଯାଉଥିଲେ, ଘରେ ଘରେ ପିଠାପଣା ଠାରୁ ଆରମ୍ଭ କରି ସୁସ୍ୱାଦୁ ଭୋଜନ ପରିବେଷଣ କରାଯାଉଥିଲା । ପରିବାରର ସବୁ ସଦସ୍ୟ ସନ୍ଧ୍ୟା ବେଳେ ଚାଲି ଚାଲି ହେଉ ବା ସାଇକେଲ ରିକ୍ସା ଯୋଗେ ପୂଜା ମଣ୍ଡପ ଦର୍ଶନ କରୁଥିଲେ । ଶହ ଶହ ରିକ୍ସା ଧାଡି ହୋଇ ଚାଲି ଥିବାର ଦୃଶ୍ୟ ନିଆରା ଥିଲା, ବର୍ତ୍ତମାନ ସେ ସବୁ କେବଳ ଅତୀତର ସ୍ମୃତି ହୋଇ ରହିଯାଇଛି ।

ସମୟ ସହିତ ତାଳ ଦେଇ ପୂଜା ମଣ୍ଡପ ଗୁଡିକ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ନୃତ୍ୟ ସଂଗୀତର ଆସର ଧୀରେ ଧୀରେ ଆରମ୍ଭ ହେଲା । ସେହି କାର୍ଯ୍ୟକ୍ରମ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଥିଲା । ବର୍ତ୍ତମାନ ମଧ ନାମୀଦାମୀ କଳାକାରମାନେ ବିଭିନ୍ନ ସ୍ୱନାମଧନ୍ୟ ଗାୟକ ଗାୟିକାଙ୍କ ସଂଗୀତକୁ ୯୦ ପ୍ରତିଶତ ନକଲ କରି ଶ୍ରୋତାଙ୍କର ମନୋରଞ୍ଜନ କରିବାରେ ସକ୍ଷମ ହେଉଛନ୍ତି । ମଣ୍ଡପ ଗୁଡିକ ନିଜର ସାଜସଜ୍ଜା ଶୈଳୀ ବଦଳାଇବାକୁ ଆରମ୍ଭ କରିଦେଲେ...ତୋରଣ ସଭ୍ୟତା କଟକରେ ପ୍ରବେଶ କରିଗଲା । ଧୀରେ ଧୀରେ ମା'ଙ୍କ



ଉପରୁ ଭକ୍ତି/ଧ୍ୟାନ କମି ଯାଉଥିବା ପରି ଅନୁଭୂତ ହେଉଛି । ବେଶି ଭାଗ ଧ୍ୟାନ ସୁନା, ରୂପା, ଅଳଙ୍କାର, ମେଢ଼, ତୋରଣ , ସାଜସଜ୍ଜା, ମନୋରଞ୍ଜନ କାର୍ଯ୍ୟକ୍ରମ ତଥା ଭସାଣି ଉପରେ କେନ୍ଦ୍ରୀଭୂତ ହୋଇ ଯାଉଛି।

ଆମ ସଂସ୍କୃତି ଧୀରେ ଧୀରେ ଅପସଂସ୍କୃତିରେ ରୂପାନ୍ତରିତ ହୋଇ ଯାଉଛି। ନିଶା ପାଣିର ବହୁଳ ବ୍ୟବହାର, ଅର୍ଦ୍ଧ ଉଲଗ୍ନ ନାରୀ ମାନଙ୍କୁ ମଞ୍ଚରେ ନୃତ୍ୟ କରିବାକୁ ପ୍ରୋତ୍ସାହିତ କରିବା । ଅଶ୍ଳୀଳ ଦ୍ୱିଅର୍ଥ ବୋଧକ ସଂଗୀତ ପରିବେଷଣ କରିବା । ଧର୍ମକୁ ଦ୍ୱାହି ଦେଇ, ଶସ୍ତା ମନୋରଂଞ୍ଜନକୁ ଆପଣେଇ ନେବା ଦ୍ୱାରା ଆମେମାନେ ଓଡ଼ିଆ ଅସ୍ମିତାକୁ ପାଦରେ ଦଳି ଚକଟି ନଷ୍ଟ କରିଦେବାର ଏକ ଅଭିନବ ପ୍ରୟାସ କରି ଚାଲିଛୁ ।

ବର୍ତ୍ତମାନ ଭସାଣି ସମୟରେ ମଧ ଅଶ୍ଳୀଳ ନାଚ ଗୀତ, ମଦ୍ୟପମାନଙ୍କ ଅଶାଳୀନ ବ୍ୟବହାର, ଅତ୍ୟଧିକ ଧ୍ୱନି ଉତ୍ପନ୍ନ କରୁଥିବା ଏକାଧିକ ଉଚ୍ଚ ଶକ୍ତି ସମ୍ପନ୍ନ ସ୍ପିକର ( ଡ଼ିଜେର ବୈକଳ୍ପିକ ସଂସ୍କରଣ) , ଭାଇବ୍ରେଟର ଗୁଡିକର ବହୁଳ ବ୍ୟବହାର ସାଧାରଣ ଜନତାଙ୍କୁ ମରଣାନ୍ତକ କଷ୍ଟ ଦେଉଛି । ଅତୀତର ଭସାଣି ସମୟରେ ଢୋଲ, ମହୁରୀ, ବ୍ରାସ୍ ବ୍ୟାଣ୍ଡ ପାର୍ଟି, ଘଣ୍ଟ ଘଣ୍ଟାର ସୁମଧୁର ଶବ୍ଦ ସହିତ ରାତ୍ରିରେ ରଙ୍ଗ ବେରଙ୍ଗର ଗ୍ୟାସ ଲାଇଟ୍ , ମହତାବ (ଏକ ପ୍ରକାର ରଙ୍ଗୀନ ବାରୁଦ) ଜଳାଇ ମୂର୍ତ୍ତି ଏବଂ ମେଢ଼ର ସୌନ୍ଦର୍ଯ୍ୟ ବହୁଗୁଣିତ କରାଯାଉଥିଲା । କିଛି କଳାକାରମାନେ ବନାଟି ବୁଲାଇ ନିଜର କଳା କୌଶଳ ପରିବେଷଣ କରୁଥିଲେ । ମା'ଙ୍କୁ ସସମ୍ମାନେ କାଠଯୋଡ଼ି ନଦୀରେ ବିସର୍ଜନ କରାଯାଉଥିଲା । ସେହି ସମୟରେ ଭକ୍ତମାନେ ଭସାଣି ଉତ୍ସବକୁ ଭକ୍ତି ଭାବନାରେ ଉପଭୋଗ କରୁଥିଲେ । ବର୍ତ୍ତମାନ ଭସାଣି ଅହଂକାର ପୂର୍ଣ୍ଣ ଶକ୍ତି /ବିଜ୍ଞାପନର ଶୋଭାଯାତ୍ରା ପାଲଟି ଯାଇଛି । ମୃଣ୍ମୟୀ ମୂର୍ତ୍ତିଙ୍କୁ ଅସମ୍ମାନ କରି ଖଡମାରୁ ନଦୀକୁ ନିକ୍ଷେପ କରାଯାଉଛି, କେଉଁଠି ମା' ଖୁଦୁରୁକୁଣୀ ମୂର୍ତ୍ତିଙ୍କୁ ଧରି ନାଚିବା ଚୁମ୍ବନ ଦେବା ଦୃଶ୍ୟ ମଧ ଟିଭି /ଖବର କାଗଜ ପୃଷ୍ଠାରୁ ଦେଖିବାକୁ ମିଳୁଛି.... ଧର୍ମର ରକ୍ଷକମାନେ ଆଖି ବୁଜି ଏପରି ଅନ୍ୟାୟକୁ ସହି ଯିବାର କାରଣ କଣ ?

ଅହଂକାର, ପ୍ରତିଯୋଗିତା, ଅମାନବିକତା, ନିଷ୍ଠୁରତା, ଲୋଭ ବର୍ତ୍ତମାନ ଅଧିକାଂଶ ପୂଜା ମଣ୍ଡପର କର୍ମକର୍ତ୍ତା ମାନଙ୍କ ଭିତରେ ବଢି ବଢି ଚାଲିଛି । ଏହାର ଶେଷ ନାହିଁ ... ଦୀପ ତଳ ଅନ୍ଧାର ପରି କୋଟି କୋଟି ଟଙ୍କାର ମଣ୍ଡପ, ତୋରଣ ସାଜସଜ୍ଜା କରିବା ପାଇଁ ଜୋର ଜବରଦସ୍ତ ଅର୍ଥ ଆଦାୟ ଏକ ଅଲିଖିତ ନିୟମରେ ପରିଣତ ହୋଇ ଯାଇଛି। ଅନ୍ୟ ଦିଗକୁ ଯଦି ଦେଖିବା ...ଆମ ପ୍ରଦେଶର ହଜାର ହଜାର ନିରୀହ/ ଅସହାୟ ମହିଳା ପାନୀୟ ଜଳ ପାଇଁ ମାଇଲ ମାଇଲ ବାଟ ଯିବାକୁ ପଡୁଛି । ପୁଷ୍ଟିକର ଖାଦ୍ୟ ବିନା ଲକ୍ଷ ଲକ୍ଷ ଶିଶୁ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ଅନେକ ପରିବାର ନିଜ ବଢ଼ିଲା ଝିଅକୁ ବିବାହ ଦେଇ ପାରୁ ନାହାନ୍ତି । ମେଧାବୀ ଛାତ୍ର ଅର୍ଥ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଗୃହ ହୀନ ଅସଂଖ୍ୟ ଜନତା ଶୀତ କାକରରେ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ପୂଜା କମିଟି ମାନେ କ'ଣ ଟିକେ ମାନବିକତା ଦେଖାଇ ପାରିବେ ନାହିଁ ? ମା' କ'ଣ କହିଛନ୍ତି ମୋର ସନ୍ତାନ କଷ୍ଟରେ ରହୁ ? ସାମାନ୍ୟତମ ସୁବିଧା ସୁଯୋଗରୁ ବଞ୍ଚିତ ହେଉ ? ଖାଦ୍ୟ ବସ୍ତ୍ର ଏବଂ ବାସସ୍ଥାନ ପାଇଁ ଡହଳ ବିକଳ ହେଉ ?

ସଂଗୃହିତ ଅର୍ଥରୁ ଯଦି ୨୫ ପ୍ରତିଶତ ଗରିବଙ୍କ ପାଇଁ ପୂଜା କମିଟି ପକ୍ଷରୁ ଖର୍ଚ୍ଚ କରି ପାରନ୍ତେ ତେବେ ତାହାହିଁ ହେବ ମା' ଙ୍କ ପ୍ରତି ପ୍ରକୃତ ଭକ୍ତି । ଭକ୍ତିର ଆଢୁଆଳେ ଶକ୍ତି ଆଜି ଭକ୍ତିକୁ ପଛରେ ପକାଇ ଦେଇଛି । ଆମେ ରାବଣ ପୋଡି କରୁଛୁ କାହିଁକି ? ଆମ ମନ ଭିତରେ ତ' ପାପ, ଅହଂକାର, କ୍ରୂରତା, ଅପରାଧିକ ମନୋବୃତ୍ତି, ନାରୀ ନିର୍ଯାତନା, ହତ୍ୟା, ଅନ୍ୟାୟ ଅନୀତି ଭରି ରହିଛି, ଆମେତ ଜଣେ ଜଣେ ରାବଣ, ପଦବାଚ୍ୟ ମନୁଷ୍ୟ । ତେବେ ନିଜକୁ ନିଜେ ପ୍ରଥମେ ଠିକ୍ କରନ୍ତୁ, ଆତ୍ମ ସମୀକ୍ଷା କରନ୍ତୁ । ରାବଣ ମହା ଜ୍ଞାନୀ, ପଣ୍ଡିତ ଥିଲେ ତାଙ୍କର ଚରିତ୍ରରେ କ'ଣ ତ୍ରୁଟି ଥିଲା ତାହା ଗୁଣି ଜ୍ଞାନୀମାନେ ଭଲଭାବେ ସମୀକ୍ଷା କରନ୍ତୁ ...ବର୍ତ୍ତମାନ ନୀଳବର୍ଣ୍ଣ ଶୃଗାଳ ସମାଜରେ ଭର୍ତ୍ତି ହୋଇଗଲେଣି । ରାବଣଙ୍କ କାଗଜ ପୁତ୍ତଳିକା /ପ୍ରତିମୂର୍ତ୍ତି ପୋଡି ଅନେକ ଆନନ୍ଦ ସହିତ ବିଜ୍ଞାପିତ ହୋଇ ନିଜକୁ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ବୋଲି ବିବେଚନା କରନ୍ତି । .ଆମେ ସମସ୍ତେ ଜାଣୁ ଏହା କେବଳ ଲୋକ ଦେଖାଣିଆ ପ୍ରହସନ ଛଡା ଆଉ କିଛି ନୁହେଁ । ଆମ ଆଚରଣ ଏବଂ ଉଚ୍ଚାରଣ ଭିନ୍ନ, କଥାରେ ଅଛି ' ଆଲୋ ସଖି ଆପଣା ମହତ ଆପେ ରଖି' । ଆମର ଗତି କେଉଁଆଡେ ତାହା ଆମେ ମଧ ଜାଣି ପାରୁନାହୁଁ... ଗୁଣି ଜ୍ଞାନୀମାନେ, ରାଜନେତା ମାନେ, ଯୁବ ଗୋଷ୍ଠୀମାନେ ନିଜ ସ୍ୱାର୍ଥକୁ ପଛରେ ରଖି ସମାଜର ମଙ୍ଗଳ ପାଇଁ ଭାଇଚାରାର ବନ୍ଧନରେ ବାନ୍ଧି ହେବାକୁ ଅନୁରୋଧ । ସନ୍ଥ ଭୀମଭୋଇ କହି ଯାଇଛନ୍ତି...ମୋ ଜୀବନ ପଛେ ନର୍କେ ପଡିଥାଉ ...ଜଗତ ଉଦ୍ଧାର ହେଉ ।

କଟକ
ମୋ: ୯୯୩୭୧୭୪୦୯୭

# ରେଢାଖୋଲ କୁକୁଡାବାହାଲୀରେ ମରୁଡ଼ିର କରାଳ ରୂପ !

## ଧାନ ବିଲରେ ଫାଟିଲା ମାଟି, ଉଜୁଡ଼ିଗଲା ଚାଷୀର ସ୍ୱପ୍ନ



ରେଢାଖୋଲ,(ନିପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ଯୋଜନା କାଗଜକଲମରେ କୋଟି କୋଟି ଟଙ୍କାର ପ୍ରତିଶ୍ରୁତି ବାଣ୍ଟୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଜଳସେଚନ ନାମରେ କୋଟି କୋଟି ଟଙ୍କା ପାଣିରେ ପକାଉଥିବା ଦାବି ହେଉଥିଲେ ହେଁ, ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅଧୀନସ୍ଥ କୁକୁଡାବାହାଲୀ ଗ୍ରାମ ପଞ୍ଚାୟତର ଚାଷୀଙ୍କ ମୁଣ୍ଡରେ ଏବେ ମରୁଡ଼ିର ଚଡ଼କ ପଡ଼ିଛି। ବର୍ଷା ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ହସୁଥିବା ସବୁଜ କ୍ଷେତ ଆଜି ଶୁଖିଲା ମରୁଡ଼ିର ମରୁଭୂମିରେ ପରିଣତ ହୋଇଛି।

ଭଲ ଅମଳ ଆଶାରେ ଏଠାକାର ଚାଷୀମାନେ ବ୍ୟାଙ୍କରୁ ଋଣ ଆଣିବା ସହ ସୁନାଗହଣା ବନ୍ଧକ ରଖି ଏବଂ ସାହୁକାରଙ୍କ ଠାରୁ ଧାରକରଜ କରି ଚାଷ କାମ ଆରମ୍ଭ କରିଥିଲେ। ଋତୁର ପ୍ରାରମ୍ଭରେ ବର୍ଷା ଭଲ ହେବାରୁ ଚାଷୀଙ୍କ ମନରେ ଆଶାର ଏକ କ୍ଷୀଣ ରେଖା ଦେଖାଦେଇଥିଲା। ମାତ୍ର ଧାନ ଗଛ ବଢ଼ିବା ସମୟରେ ବର୍ଷା ମୁହଁ ଫେରାଇ ନେବାରୁ ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି । ଏହି ଅଞ୍ଚଳରେ ଅର୍ଣ୍ଣବ ଜମିଗୁଡିକରେ ପାଣି ଅଭାବରୁ ଏଠାରେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ବାହାଳ ଜମି ଧାନ ଗଛରେ କ୍ଷୀର ଭରିବା ପର୍ଯ୍ୟାୟରେ ବର୍ଷା ନ ହେବା ସହ ଜଳ ସେଚନ ନ ମିଳିବାରୁ ଗଛଗୁଡ଼ିକ ହଳଦିଆ ପଡ଼ି ଶୁଖି ଜଳି ଯାଇଛି। ଅନ୍ୟପଟେ ଚାଷ ଜମିର ମାଟି ଏବେ ପାଣି ଅଭାବରୁ ଫାଟି ଆଁ କରିଛି। ଚାଷୀମାନେ ମୂଳଧନ ତ ଦୂରର କଥା, ବର୍ଷକ ପାଇଁ ମୁହଁକୁ ମୁଠାଏ ଦାନା ପାଇବାର ସମସ୍ତ ଆଶା ହରାଇ ବସିଛନ୍ତି । ଚାଷୀମାନଙ୍କ ଗୋଟିଏ କଥା ସରକାର ଓ ସ୍ଥାନୀୟ ପ୍ରଶାସନ ଆଜିଯାଏଁ ଆମ ଜମିକୁ ପାଣି ପହଞ୍ଚାଇବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ଯଦି ସମୟୋଚିତ ଉଠା ଜଳସେଚନ ପ୍ରକଳ୍ପ କିମ୍ବା 'ଏଲ୍ ଆଇ ପଏଣ୍ଟ' ଦିଆଯାଇ ଜଳସେଚନ ବ୍ୟବସ୍ଥା କରାଯାଇଥାନ୍ତା, ତେବେ ଅନ୍ନଦାତାଙ୍କୁ ଆଜି ଏଭଳି ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା ବୋଲି କହିଛନ୍ତି ଏଠାକାର ଚାଷୀ । ଏହାସହ ଏଠାକାର ପରିସ୍ଥିତି ଏପରି ହୋଇଛି ଯେ, ଶୁଖିଲା ମଉଳା ଧାନ ଗଛକୁ ଧରି ଚାଷୀମାନେ ନିଜର ଦୁଃଖ ସରକାରଙ୍କ ଆଗରେ ବ୍ୟକ୍ତ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଜମିଗୁଡ଼ିକର ସଠିକ୍ ଅନୁଧ୍ୟାନ କରାଯାଉ ଏବଂ କୁକୁଡାବାହାଲୀ ପଞ୍ଚାୟତକୁ ମରୁଡ଼ି ଘୋଷଣା କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଉ। ଯଦି ପ୍ରଶାସନ ଏ ଦିଗରେ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ ନ କରେ, ତେବେ ଚାଷୀମାନେ ବାଧ ହୋଇ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ରାଉରକେଲା,(ନିପ୍ର): ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ୍ ପକ୍ଷରୁ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଚାରି ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ସୂଚନା ଅନୁସାରେ, ସବ-ଇନ୍ସପେକ୍ଟର ଏମ୍. ଆର. ରାଉତଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରାତ୍ରି



ପାଟ୍ରୋଲିଂ କରୁଥିବା ସମୟରେ ରାଉରକେଲା ସେକ୍ଟର-୨୧ ସ୍ଥିତ ଏକ ହୋଟେଲ ନିକଟସ୍ଥ ଶୌଚାଳୟ ପଛପଟେ ଏକ ନିର୍ଜନ ସ୍ଥାନରେ ସଶସ୍ତ୍ର ବ୍ୟକ୍ତିମାନେ ଏକ ଗୋଷ୍ଠୀ ଏକତ୍ର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନ ଯାଦବ ଓରଫ ଲାଙ୍ଗଟୁ, ରାକେଶ ସିଂହ, କିଶୋର ରାଣା ଏବଂ ଆକାଶ ସିଂହ ଓରଫ କଟା ନାମକ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଧରପଗଡ଼ ବେଳେ ଅନ୍ୟ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଅନ୍ଧାରରେ ପୋଲିସ୍ ନିକଟରୁ ଖସି ପଳାଇବାରେ ସଫଳ ହୋଇଥିବା ଜଣାପଡ଼ିଛି।

## ସ୍ନେହସେତୁରେ ମିଳିଲା ନୂଆ ଠିକଣା, ପରିବାରକୁ ଫେରିଲେ ନିଖୋଜ ମହିଳା

ଝାରସୁଗୁଡ଼ା,(ନିପ୍ର): ଦୀର୍ଘଦିନର ବିଚ୍ଛେଦରେ ପଡ଼ିଥିଲା



ପୂର୍ଣ୍ଣଚ୍ଛେଦ। ପରିବାର ଠାରୁ ଦୂରେ ରହୁଥିବା ଜଣେ ମାନସିକ ଅସୁସ୍ଥ ମହିଳା ଶେଷରେ ନିଜ ଲୋକଙ୍କ ପାଖକୁ ଫେରିବାର ସୁଯୋଗ ପାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର 'ସ୍ନେହସେତୁ' କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପୁନଃମିଳନ ସମ୍ଭବ ହୋଇଛି। ଏହା ଜିଲ୍ଲା ପ୍ରଶାସନର ମାନବିକ ଦାୟିତ୍ୱବୋଧ ଓ ନିରନ୍ତର ଉଦ୍ୟମର ଏକ ଉଦାହରଣ ପାଲଟିଛି। ସୂଚନା ଅନୁଯାୟୀ, ଗତ ମେ' ୨୨ ତାରିଖରେ ଝାରସୁଗୁଡ଼ା ସହରର ବେହେରାମାଲ ଅଞ୍ଚଳରୁ ୪୮ ବର୍ଷୀୟା ଦେବୀଙ୍କୁ ଟାଉନଥାନା ପୁଲିସ ଉଦ୍ଧାର କରିଥିଲା। ମାନସିକ ଅସୁସ୍ଥତା କାରଣରୁ ସେ ନିଜ ପରିବାରଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ। ତାଙ୍କୁ ଉଦ୍ଧାର କରାଯିବା ପରେ ଉପଯୁକ୍ତ ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା ପାଇଁ ଏଚ୍. କଟାପାଲିସ୍ଥିତ ମିଶନ ଆଶ୍ରା-୧ ରେ ରଖାଯାଇଥିଲା। ପରିବାର ସହ ଯୋଗାଯୋଗ ସ୍ଥାପନ ହେବା ପରେ ମହିଳାଙ୍କୁ ଘରକୁ ଫେରାଇ ନେବା ପାଇଁ ତାଙ୍କ ଝିଅ ଓ ଅନ୍ୟ ପରିବାର ସଦସ୍ୟ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ସୋମବାର ଜିଲ୍ଲାପାଳ ମୋତିରାମ ଚନ୍ଦାଣଙ୍କ ଉପସ୍ଥିତିରେ ମହିଳାଙ୍କୁ ତାଙ୍କ ପରିବାରବର୍ଗଙ୍କ ହାତରେ ହସ୍ତାନ୍ତର କରାଯାଇଥିଲା।

## ଚୋରି ସୁନା ଅଳଙ୍କାର ଉଦ୍ଧାର; ଜଣେ ଗିରଫ



ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କୋଳାକୋଟ ଗ୍ରାମର ଅନିଲ ଗମାଙ୍ଗଙ୍କ ନେଇ ପୁଲିସ ତଦନ୍ତ କରିଥିଲା। ତଦନ୍ତରୁ ଚୋରି ହୋଇଥିବା ଅଳଙ୍କାରଗୁଡ଼ିକୁ ସେ ନିଜ ଘରେ ଏକ ଟିଣ ଡବା ମଧ୍ୟରେ ଲୁଚାଇ ରଖୁଥିବା ଜଣାପଡ଼ିଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ସମୟରେ ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ବୟାନ ଆଧାରରେ ତାଙ୍କ ଘରେ ଥିବା ଟିଣ ଡବାରୁ ଚୋରି ଅଳଙ୍କାରଗୁଡ଼ିକୁ ଉଦ୍ଧାର କରାଯାଇଥିଲା । ଏହାପରେ ଅନିଲ ଗମାଙ୍ଗଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ପ୍ରସ୍ତୁତି

ନୟାଗଡ଼,(ନିପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ମୁକାବିଲା ନିମନ୍ତେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ



ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇ ବାତ୍ୟାର ସମ୍ଭାବ୍ୟ ପ୍ରଭାବର ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

## ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ

**କୃଷ୍ଣପ୍ରସାଦ/ବାଙ୍କୀ/ପୁରୀ(ନିପ୍ର):** ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ସୋମବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବିଡିଓ ବିକାଶ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟକ୍ଷେତ୍ରରେ



ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ଭାବେ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବା ପାଇଁ କର୍ମଚାରୀମାନେ ଶପଥ ପାଠ କରିଥିଲେ। ପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ସିପି ପ୍ରଭାତ କୁମାର ଜେନା, ଏପିଓ ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଉମାକାନ୍ତ ମିଶ୍ରଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ସୋମବାର ବାଙ୍କୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ମୋନୋସ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଚଳିତ ବର୍ଷର ବିଷୟବସ୍ତୁ 'ସମୃଦ୍ଧି ପାଇଁ ସତ୍ୟନିଷ୍ଠା' ଆଧାରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ସତ୍ୟନିଷ୍ଠା ଅବଲମ୍ବନ କରିବା, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରିବା ଏବଂ ଦୁର୍ନୀତି ବିରୋଧରେ ସର୍ବଦା ସଚେତନ ରହିବାକୁ ଶପଥ ଗ୍ରହଣ କରିଥିଲେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ସତ୍ୟନିଷ୍ଠାର ଭାବନା ଜାଗ୍ରତ କରିବା, ଦୁର୍ନୀତି ବିରୋଧରେ ସଚେତନତା ବୃଦ୍ଧି କରିବା ଏବଂ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ ଗଠନ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ଜେ. କଳ୍ପନା, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ନାୟକ ଓ ରଞ୍ଜିତା ଲେଙ୍କା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌଦାମିନୀ ଦାସ, ଉପବିଭାଗ ଅଧିକାରୀ ଶ୍ରୀମତୀ ପୁଷ୍ପଲତା ନାୟକ ପ୍ରମୁଖ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ଏକ ସାମାଜିକ ବ୍ୟାଧି।ଏହା ବିକାଶର ମୁଖ୍ୟ ବାଧକ।ତେଣୁ ସମ୍ମିଳିତ ଭାବେ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଅନୁସ୍ରାବ ଗନ୍ତାୟତ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ।

## ଅଧାରୁ ବନ୍ଦ ହେଲା ଜନଶୁଣାଣି

ଆସିକା,(ନିପ୍ର): ଆସିକା ବ୍ଲକ ବାଲିଛାଇ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲିଛାଇ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆସିକା ଅତିରିକ୍ତ ତହସିଲଦାର, ଆସିକା ବିଡ଼ିଓ ସମେତ ବାଲିଛାଇ ସରପଞ୍ଚ ଓ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ଜନଶୁଣାଣି କାର୍ଯ୍ୟକ୍ରମର କିଛି ସମୟ ପରେ ପଞ୍ଚାୟତ ଅନ୍ତର୍ଗତ ରିଷିପୁର ଗ୍ରାମର କିଛି ଗ୍ରାମବାସୀ ହୋହାଲ୍ଲା ପାଟିତୁଣ୍ଡ ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ବିଜେପି ସରକାର ଆସିଲା ପରଠାରୁ



ସେହି ଗ୍ରାମରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ଏବଂ ଉକ୍ତ ଗ୍ରାମକୁ ଉଦ୍ଦେଶ୍ୟମୂଳକ ଭାବେ ଅବହେଳା କରାଯାଉଥିବାର ପ୍ରତିବାଦ କରି ପ୍ରବଳ ହୋହାଲ୍ଲା ପାଟିତୁଣ୍ଡ କରିଥିଲେ। ଏଭଳି ଉତ୍ତେଜନା ପରିସ୍ଥିତି ଉପୁଜିବା କାରଣରୁ ବହୁ ସମୟ ଧରି ଜନଶୁଣାଣି କାର୍ଯ୍ୟକ୍ରମ ବ୍ୟାଘାତ ସୃଷ୍ଟି ହୋଇଥିଲା। ଜନଶୁଣାଣିକୁ ଆସିଥିବା କିଛି ବ୍ୟକ୍ତି ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଜନଶୁଣାଣି କାର୍ଯ୍ୟକ୍ରମ ଫଳପ୍ରସୂ ହୋଇନଥିଲା ବୋଲି କୁହାଯାଇଛି।

## ଅଜଣା ରୋଗରେ ମହିଳା ମୃତ

ରମ୍ଭା,(ନିପ୍ର): ବାଲିନାସିଗ୍ରାମର ମତ୍ସ୍ୟଜୀବୀ ମହିଳା ଆରତୀ ଟହଲ (୨୬)ଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଛି। ଏଥିଯୋଗୁଁ ଦୁଇ ଛୁଆ ଚଳିବେ କିପରି ? ତାହା ସ୍ଥାନୀୟ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଗରିବ ମତ୍ସ୍ୟଜୀବୀ ପରିବାର ଚିଲିକାରେ ମାଛ ସଂଖ୍ୟା କମିଯିବାରୁ ଦିନ ମଜୁରିଆ ଭାବେ କାମ କରି ଚଳୁଥିଲେ। କେଉଁ ଅଜଣା ରୋଗ, ପାଣିଜନିତ ପୋଖରୀରେ ମାଛ ମରିଯିବା ଲୋକେ ସନ୍ଦେହ କରୁଛନ୍ତି। ଗାଁର ଶତାଧିକ ଲୋକ ଅଜଣା ଜ୍ୱର ରୋଗରେ ପୀଡିତ। ହଠାତ ଜଣେ ମରିଯିବା ଭୟରେ ଗ୍ରାମରେ ଆତଙ୍କିତ ଖେଳିଯାଇଛି। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଖବର ପାଇ ବାଲିନାସି ଗ୍ରାମକୁ ପହଂଚି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଯୋଗାଯୋଗ କରିବା ଫଳରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଶତାଧିକ ପିଲା, ମହିଳା ଓ ପୁରୁଷଙ୍କୁ ପ୍ରାଥମିକ ଚିକିତ୍ସା କରିଥିଲେ। ମୃତକ ମହିଳା ଆରତୀଙ୍କ ଦୁଇ କୁନି ଛୁଆ ବଞ୍ଚିବା ପାଇଁ ସରକାରଙ୍କ ବିଭିନ୍ନ ସାହାଯ୍ୟ ପାଇଁ ଗ୍ରାମବାସୀ ତଥା ଅଂଚଳବାସୀ ଦାବି କରିଛନ୍ତି।

# ଚାଷୀଙ୍କ ଆଶା ଉଜୁଡ଼ିବାକୁ ବସିଲାଣି

## ବିହନ ଅଛି, ଚାଷୀ ପ୍ରସ୍ତୁତ: ଡିବିଟି ପୋର୍ଟାଲ ବନ୍ଦ, ଅଟକିଛି ସହାୟତା

ଧାମନଗର,(ନିପ୍ର) : ବନ୍ୟାରେ ଫସଲ ଉଜୁଡ଼ିଲା। ଚାଷୀଙ୍କ ଆଶା ଉଜୁଡ଼ିବାକୁ ବସିଲାଣି। ଚାଷୀଙ୍କୁ ପୁନର୍ବାର ଚାଷ କାର୍ଯ୍ୟରେ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍‌ରେ ୧୦ କୋଟି ଟଙ୍କା ଘୋଷଣା ହୋଇଥିଲେ ମଧ୍ୟ ଧାମନଗର ବ୍ଲକରେ ଏହାର ସୁଫଳ ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ବିହନ ମହଜୁଦ ଅଛି, ଚାଷୀ କିଣିବାକୁ ପ୍ରସ୍ତୁତ, ହେଲେ ଡିବିଟି ବିକ୍ରି ପୋର୍ଟାଲ୍ ବନ୍ଦ ଥିବାରୁ ବିହନ କିଣା ଅଟକି ରହିଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ବାରମ୍ବାର ବନ୍ୟା ଯୋଗୁଁ ଧାନ ସମେତ ବିଭିନ୍ନ ପନିପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କିଣିବା ପାଇଁ ଡିବିଟି ମାଧ୍ୟମରେ ସହାୟତା ଦେବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ନିୟମ ଅନୁଯାୟୀ, ଚାଷୀଙ୍କୁ ପ୍ରଥମେ ନିଜ ଖର୍ଚ୍ଚରେ ବିହନ କିଣିବାକୁ ପଡ଼ିବ ଏବଂ ପରେ ଅର୍ଥ ତାଙ୍କ ବ୍ୟାଙ୍କ ଖାତାକୁ ଫେରସ୍ତ ହେବ। ଏଥିପାଇଁ ବିରି ବିହନ କ୍ୱିଣ୍ଟାଲ ପ୍ରତି ୧୨,୬୨୫ ଟଙ୍କା ଓ ଧାନ ବିହନ କ୍ୱିଣ୍ଟାଲ ପ୍ରତି ୪,୧୮୦ ଟଙ୍କା ଦେଇ କିଣିବାକୁ ହେବ। ମାତ୍ର ଡିବିଟି ବିକ୍ରି ପୋର୍ଟାଲ୍ ବନ୍ଦ ଥିବାରୁ ଚାଷୀ ବିହନ କିଣିବାରୁ ବଞ୍ଚିତ ହେଉଥିବା କୁହାଯାଉଛି। ଫଳରେ ସରକାରଙ୍କ ଘୋଷଣା ଓ ତୃଣମୂଳସ୍ତରର ବାସ୍ତବ ସ୍ଥିତି ମଧ୍ୟରେ ତାରତମ୍ୟ ସ୍ପଷ୍ଟ ହୋଇଛି।ଚାଷର ଉପଯୁକ୍ତ ସମୟରେ ବିହନ ନ ମିଳିଲେ ଚାଷୀଙ୍କ କ୍ଷତି ଆହୁରି ବଢ଼ିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଡିବିଟି ପୋର୍ଟାଲ୍ ଖୋଲିବା ସହ ବିହନ ବିକ୍ରି ବ୍ୟବସ୍ଥା ସ୍ୱାଭାବିକ କରି ଚାଷୀଙ୍କୁ ପ୍ୟାକେଜ୍‌ର ସୁଫଳ ଯୋଗାଇଦେବାକୁ ଦାବି ହେଉଛି। ନଚେତ୍ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍ ଧାମନଗର ଚାଷୀଙ୍କ ପାଇଁ କେବଳ ଘୋଷଣାରେ ସୀମିତ ରହିଯିବା ଆଶଙ୍କା ଦେଖାଦେଇଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରିଛନ୍ତି।

## ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ଜନଶୁଣାଣି

କଣ୍ଟିଲୋ,(ନି.ପ୍ର) ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ,ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ପଣ୍ଡା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ନୟାଗଡ ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି,ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ତହସିଲଦାର ବିଶ୍ୱ ବିଶ୍ରୃତ ତ୍ରିପାଠୀ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅଭିଷାର ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ,ପୂର୍ତ୍ତ ବିଭାଗ,କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୧୦୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୭୮ ଟି ବ୍ୟକ୍ତିଗତ,୬ ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୧୬ ଟି ଆବେଦନପତ୍ର ଗ୍ରହଣ କରା ଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ତେବେ ବିଭିନ୍ନ ଅଭିଯୋଗ ମଧ୍ୟରୁ ୪୪ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡିକ ତୁରନ୍ତ ସମାଧାନ ନିମନ୍ତେ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ରେଫରାଲ ଭରସାରେ ଭାପୁର ଅଞ୍ଚଳବାସୀ

ଭାପୁର,(ନିପ୍ର): ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସୁଛନ୍ତି,ଚିକିତ୍ସା ହେଉଛନ୍ତି । କିନ୍ତୁ,ଗୁରୁତର ହେଲେ ଖୋର୍ଦ୍ଧା,ଭୁବନେଶ୍ୱର ସ୍ଥାନାନ୍ତରିତ ହେଉଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର କୋଡିଏ ଗୋଟି ପଞ୍ଚାୟତବାସୀ ନିର୍ଭର କରି ଚଳୁଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଅଭାବରୁ ମୁହଁ ମୋଡୁଛନ୍ତି ସାଧାରଣ ରୋଗୀ। ୭୦ କୋଟି ୯୦ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମିତ ୩ ମହଲା ବିଶିଷ୍ଟ ୮୩ ଗୋଟି ବଖରା ଅପେକ୍ଷା କରିଛି ଚାଲିବା ପାଇଁ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର । କିନ୍ତୁ, ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଲଟକି ରହିଛି ଫାଇଲ ଭିତରେ। ବିଭିନ୍ନ ମହଲରେ ଏପରି ଅଭିଯୋଗ ହୋଇଛି।

ସେହିପରି ଅତ୍ୟାଧୁନିକ ଯନ୍ତ୍ରପାତି ଖତ ହେଉଥିବାବେଳେ ରୋଗୀମାନେ ଚିକିତ୍ସା ଅଭାବରୁ ଭୁବନେଶ୍ୱର, କଟକ ରେଫର ହେଉଛନ୍ତି। କେବଳ ସେତିକି ନୁହେଁ ଆଖ୍ୟା,ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ରୋଗୀଙ୍କୁ ଆବଶ୍ୟକ ଏବଂ ଉନ୍ନତ ସେବା ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଡାକ୍ତର ନିଯୁକ୍ତି ପାଇଁ ଭାପୁର ସଦର ମହକୁମାରେ ଅବସ୍ଥିତ ଭାପୁର ବିକାଶ ପରିଷଦ ହେଉ କି ବରିଷ୍ଠ ନାଗରିକ ମଞ୍ଚ,ପେସାଦାର ସାମ୍ବାଦିକ ସଙ୍ଘ,କ୍ରିୟାନୁଷ୍ଠାନ କମିଟି ହେଉ ସମସ୍ତେ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ସ୍ଥାନୀୟ ବିଧାୟକଙ୍କ ଆନ୍ତରିକତାର ଅଭାବରୁ ଏହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି ସତେକି ବିଧାୟକଙ୍କ ସାବତ ବ୍ଲକ ହେଉଛି ଭାପୁର। ବରିଷ୍ଠ ଡାକ୍ତର ନ ଥିବାରୁ କେତେକ ସମୟରେ ସାଧାରଣ ରୋଗୀଟିଏ ଆସିଲେ ଭୁଲ ଔଷଧ ଦେବା କାରଣରୁ ରୋଗୀ ମୃତ୍ୟୁବରଣ କରୁଥିବା ନଜିର ରହିଛି । ଫଳରେ, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜନସାଧାରଣଙ୍କ ଆସ୍ଥା ଧୀରେ ଧୀରେ ତୁଟି ଯାଉଛି। ଦୁର୍ଘଟଣା ଜନିତ କି ଗୁରୁତର ରୋଗୀ ଆସିଲେ ତୁରନ୍ତ ବାହାର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଉଛି। କିନ୍ତୁ,ଥଣ୍ଡା,ଜର,ଝାଡା ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଗୁରୁତର ରୋଗୀମାନେ ୮୦/୧୦୦ କିମି ରେଫରାଲ ଘଟଣାରେ ବାଟରେ ଯାଉ ଯାଉ କିଏ ମୃତ୍ୟୁବରଣ କରୁଛି ତ ଆଉ କିଏ ଅଧିକ ସମ୍ବେଦନଶୀଳ ଅବସ୍ଥାକୁ ଚାଲିଯାଉଛି ବୋଲି କୁହାଯାଇଛି। ଭାପୁର ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହକୁ କାର୍ଯ୍ୟକାରୀ କରିବା ସହିତ ଡାକ୍ତର ପଦବୀ ପୂରଣ ପାଇଁ ଦାବି ହେଉଛି।

## ମାଲକାନଗିରିରୁ ଗୁଜରାଟ ଏକତା ନଗର ଅଭିମୁଖେ ବାହାରିଲା ୫୨ ଜଣିଆ ପ୍ରତିନିଧି ଦଳ

ମାଲକାନଗିରି,(ନିପ୍ର): ଆସନ୍ତା ଅକ୍ଟୋବର ୩୧ ତାରିଖରେ ଗୁଜରାଟର କେଭାଡିଆ (ଏକତା ନଗର) ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଯୋଗଦେବା ପାଇଁ ମାଲକାନଗିରି ଜିଲ୍ଲାରୁ ଏକ ୫୨ ଜଣିଆ ବିଶେଷ ପ୍ରତିନିଧି ଦଳ ଗୁଜରାଟ ଗସ୍ତ କରିଛନ୍ତି। ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର ଆଣ୍ଟି-ନକ୍ସଲ ଅପରେସନ୍ସ ଉଇଙ୍ଗର ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଏହି ଦିବସର ମୁଖ୍ୟ ସଙ୍କଳ୍ପ ବା ବିଷୟବସ୍ତୁ ନକ୍ସଲ-ମୁକ୍ତ ଭାରତ ରଖାଯାଇଛି। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଓ ପ୍ରଗତିକୁ ଜାତୀୟ ସ୍ତରରେ ପ୍ରଦର୍ଶିତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ମାଲକାନଗିରିରୁ ଏହି ପ୍ରତିନିଧି ଦଳ ଗୁଜରାଟ ଗସ୍ତ କରୁଛନ୍ତି। ଜିଲ୍ଲାର ଯୁବପିଢ଼ି ଓ ପ୍ରତିନିଧିମାନେ ସେଠାରେ ପହଞ୍ଚି ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ ନକ୍ସଲ-ମୁକ୍ତ ଭାରତର ସଫଳ ଚିତ୍ର ଏବଂ ଦେଶ ଗଠନରେ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବେ।

# ଝାରସୁଗୁଡ଼ା ନିର୍ବାଚନ ମାମଲା: ୧୪ ପ୍ରଶ୍ନ ଉପରେ ହେବ ବିଚାର

## ଅକ୍ଟୋବର ୨୯ରେ ପରବର୍ତ୍ତୀ ଶୁଣାଣି, ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କୁ ହାଇକୋର୍ଟଙ୍କ ସମନ

ଝାରସୁଗୁଡ଼ା,୨୭।୧୦(ନିପ୍ର): ଝାରସୁଗୁଡ଼ା ବିଧାନସଭା ନିର୍ବାଚନର ଫଳାଫଳକୁ ନେଇ ଦାଖଲ ହୋଇଥିବା ନିର୍ବାଚନୀ ମାମଲାରେ ନୂଆ ମୋଡ଼ ଆସିଛି। ନିର୍ବାଚନରେ ବିଜୟୀ ହୋଇଥିବା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ୧୪ଟି ମୁଖ୍ୟ ଆଇନଗତ ପ୍ରସଙ୍ଗ ନିର୍ଦ୍ଧାରଣ କରିଛନ୍ତି। ଏହି ପ୍ରସଙ୍ଗଗୁଡ଼ିକ ଉପରେ ଆଗାମୀ ଶୁଣାଣିରେ ବିଚାର କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୯ ତାରିଖରେ ହେବ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କ ଏକକ ପୀଠ ଏହି ମାମଲାର ଶୁଣାଣି କରିବା ସହ ଆବଶ୍ୟକ ଦସ୍ତାବିଜ ଦାଖଲ ପ୍ରସଙ୍ଗରେ ସୁନ୍ଦରଗଡ଼ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପ୍ରବନ୍ଧକଙ୍କୁ ସମନ ଜାରି କରିଛନ୍ତି। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ଆବଶ୍ୟକ କାଗଜପତ୍ର ଦାଖଲ ହୋଇନଥିବାରୁ ଶାଖା ପ୍ରବନ୍ଧକଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି। ଟଙ୍କଧର ତ୍ରିପାଠୀଙ୍କ ଜମାଖାତା ଉକ୍ତ ବ୍ୟାଙ୍କରେ ଥିବାରୁ ପୂର୍ବରୁ ଏ ସମ୍ପର୍କିତ ତଥ୍ୟ ଦାଖଲ ପାଇଁ ଅଦାଲତ ନୋଟିସ୍ ଜାରି କରିଥିଲେ। ଏହାସହ ମାମଲା ସମ୍ପର୍କିତ ସମସ୍ତ ମୂଳ ଦସ୍ତାବିଜ ଝାରସୁଗୁଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରୁ ଅଦାଲତରେ ଦାଖଲ କରାଇବା ପାଇଁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନୀ ଆବେଦନରେ ଉଠାଯାଇଥିବା ବିଭିନ୍ନ ଅଭିଯୋଗ ମଧ୍ୟରେ ପ୍ରାର୍ଥୀଙ୍କ ନାମାଙ୍କନ ସହ ଦାଖଲ ହୋଇଥିବା ଫର୍ମ-୨୬ ସତ୍ୟପାଠରେ ଅପରାଧିକ ମାମଲା ଓ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଲୁଚାଯାଇଥିବା ଅଭିଯୋଗ ରହିଛି। ଏଥିସହ ଷ୍ଟାମ୍ପ ପେପରରେ ତ୍ରୁଟି, ଫର୍ମ-୧୭ସିରେ ଅନିୟମିତତା ଏବଂ ୧୭ ହଜାର ୮୨୧ଟି ଅବୈଧ ଭୋଟ ଗଣତି ହୋଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ଏହି ସମସ୍ତ ଅଭିଯୋଗର ଆଇନଗତ ଦିଗକୁ ଅଦାଲତ ତର୍ଜମା କରିବେ। ଉଲ୍ଲେଖଯୋଗ୍ୟ, ଝାରସୁଗୁଡ଼ା ବିଧାନସଭା ନିର୍ବାଚନରେ ମାତ୍ର ୧,୩୩୩ ଭୋଟର ବ୍ୟବଧାନରେ ଫଳାଫଳ ନିର୍ଦ୍ଧାରିତ ହୋଇଥିଲା। ଆବେଦନରେ ଉଠାଯାଇଥିବା ଅନିୟମିତତା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି କି ନାହିଁ, ତାହା ମାମଲାର ଏକ ପ୍ରମୁଖ ବିଚାର୍ଯ୍ୟ ବିଷୟ ହେବ। ଏଥିସହ ପୁନଃଗଣତି କିମ୍ବା ଉପନିର୍ବାଚନର ଆବଶ୍ୟକତା ରହିଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ ଆଇନ ଅନୁଯାୟୀ ବିଚାର କରାଯିବ। ତେବେ ହାଇକୋର୍ଟଙ୍କ ପକ୍ଷରୁ ୧୪ଟି ବିଚାର୍ଯ୍ୟ ପ୍ରସଙ୍ଗ ନିର୍ଦ୍ଧାରଣ କରାଯିବା ଅର୍ଥ ନିର୍ବାଚନ ରଦ୍ଦ ହୋଇଯାଇଛି କିମ୍ବା ଉପନିର୍ବାଚନ ହେବା ନିଶ୍ଚିତ ହୋଇଛି, ତାହା ନୁହେଁ। ଅଦାଲତରେ ଉପସ୍ଥାପିତ ପ୍ରମାଣ, ଦସ୍ତାବିଜ ଓ ଆଇନଗତ ଯୁକ୍ତିର ଆଧାରରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଅକ୍ଟୋବର ୨୯ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ଉପରେ ଏବେ ରାଜନୈତିକ ମହଲର ନଜର ରହିଛି।

## ନୃତ୍ୟଶ୍ରୀର କୁମାରୋତ୍ସବ

ଜଟଣୀ,(ନିପ୍ର): ନୃତ୍ୟଶ୍ରୀ ଅନୁଷ୍ଠାନ ଆନୁକୂଲ୍ୟରେ ୨୦ ତମ ବାର୍ଷିକ ଓ କୁମାର ଉତ୍ସବ ସ୍ଥାନୀୟ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ ତ୍ରିଲୋଚନ ମହାପାତ୍ରଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା । ଅତିଥିଭାବେ ବିଜେପି ରାଜ୍ୟ ମୁଖ୍ୟପାତ୍ର ଅନିଲ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ସଂଗୀତା ଗୋସାଇଁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶ୍ରୀର 'ସ୍ମରଣିକା' ଉନ୍ମୋଚନ ହୋଇଥିଲା । ଉତ୍ସବରେ ବହୁ କଳାକାରଙ୍କ ସହ ଅଭିଭାବକଙ୍କୁ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ସୁଚିସ୍ମିତା ରାଉତରାୟ, ରଞ୍ଜିତା ସାହୁ, ଆରତି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ, ସ୍ୱର୍ଣ୍ଣପ୍ରଭା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେନସେକ୍ସରେ ୪୮୩ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ, ୨୭।୧୦: ନିବେଶକମାନେ ଧାତବ, ସୂଚନା ପ୍ରଯୁକ୍ତି ଓ ଅନ୍ୟ ବଡ଼ କମ୍ପାନିର ସେୟାର ଅଧିକ ମାତ୍ରାରେ କିଣିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୪୮୩ ପଏଣ୍ଟ ବୃଦ୍ଧି ପାଇ ୭୩,୬୦୬ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୧୫୩ ପଏଣ୍ଟ ବୃଦ୍ଧି ପାଇ ୨୨,୭୫୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ଆଦାନୀ ପୋର୍ଟସ୍, ଇଟରନାଲ୍, ଟାଟା ଷ୍ଟିଲ୍, ଏୟାରଟେଲ୍, ଆଇଟିସି ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଇନ୍‌ଫୋସିସର ସେୟାର ମୂଲ୍ୟ ବଢ଼ିଥିଲା। ଅନ୍ୟପକ୍ଷରେ ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍, ପାୱାରଗ୍ରିଡ୍ ଓ ମାରୁତି ସୁଜୁକି ସେୟାର ମୂଲ୍ୟ କମିଥିଲା। ଆଜି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିଥିଲା। ବ୍ରେଣ୍ଟ୍ କ୍ରୁଡ୍ ଦର ବ୍ୟାରେଲ୍‌କୁ ୧୧୫ ଡଲାରକୁ ହ୍ରାସ ପାଇଥିଲା। ଏଥି ସହିତ ୟୁଏସ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦର ୧୦୧.୩୬ ଡଲାରକୁ ହ୍ରାସ ପାଇଥିଲା। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୯୫ ଟଙ୍କା ୧୮ ପଇସାରେ ପହଞ୍ଚିଛି ଯାହା ଏହାର ପୂର୍ବ ସ୍ଥିତି ତୁଳନାରେ ଉନ୍ନତ। ତେଲ ଦର କମିବା ଓ ଟଙ୍କା ମୂଲ୍ୟରେ ସୁଧାର ହୋଇଥିବାରୁ ଇକ୍ୱିଟି ବଜାରରେ ଉତ୍ସାହ ଫେରିଛି। ଆଗାମୀ ଦିନରେ ନିବେଶକମାନଙ୍କ ନଜର ତେଲ ଦର, ଭୂରାଜନୈତିକ ସଙ୍କଟ ଓ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧକୁ ନେଇ ନେଉଥିବା ନିଷ୍ପତ୍ତି ଉପରେ ରହିବ।

## ଆସାରାମ ବାପୁଙ୍କୁ ସୁପ୍ରିମ୍‌କୋର୍ଟରୁ ଝଟକା: ବଢ଼ିଲାନି ପାରୋଲ୍

ନୂଆଦିଲ୍ଲୀ, ୨୭।୧୦: ରାଜସ୍ଥାନର ନାବାଳିକା ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆସାରାମ ବାପୁଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପାରୋଲର ଅବଧି ବୃଦ୍ଧି ପାଇଁ ଆସାରାମ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ସେ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ (ସରେଣ୍ଡର) କରିବାକୁ ସର୍ବୋଚ୍ଚ ଆଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜେଲ୍ ମଧ୍ୟରେ ଆସାରାମଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟର ଉଚିତ୍ ଯତ୍ନ ନେବାକୁ ସୁପ୍ରିମ୍‌କୋର୍ଟ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାରାମଙ୍କ ଓକିଲ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ସେ ବର୍ତ୍ତମାନ ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଛି। ଛାତିରେ ଯନ୍ତ୍ରଣା ଅଭିଯୋଗ ପରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାରୁ ଚିକିତ୍ସା ଆଧାରରେ ତାଙ୍କ ପାରୋଲ୍ ଅବଧି ବୃଦ୍ଧି କରାଯାଉ। ମାତ୍ର ସୁପ୍ରିମ୍ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନକରି ପାରୋଲ୍ ମିଆଦ ବଢ଼ାଇବାକୁ ମନା କରିଦେଇଛନ୍ତି।

## ସୁଦାନରେ ଭୟାବହ ଡ୍ରୋନ୍ ଆକ୍ରମଣ: ୨୧ ମୃତ

ଖାର୍ତ୍ତୁମ୍, ୨୭।୧୦: ସୁଦାନରେ ସେନାବାହିନୀ ଏବଂ ପାରାମିଲିଟାରୀ "ରାପିଡ୍ ସପୋର୍ଟ ଫୋର୍ସେସ୍" (ଆରଏସଏଫ୍) ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ଏବେ ଭୟାବହ ଡ୍ରୋନ୍ ଯୁଦ୍ଧର ରୂପ ନେଇଛି। ଦେଶର ପଶ୍ଚିମ ଡାରଫୁର୍ ଅଞ୍ଚଳରେ ହୋଇଥିବା ପୃଥକ୍ ଡ୍ରୋନ୍ ଆକ୍ରମଣରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଗ୍ରିଡଗୁଡ଼ିକ ଉପରେ ଆକ୍ରମଣ ଯୋଗୁଁ ଦେଶର ଏକ ବଡ଼ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ସୂଚନା ଅନୁଯାୟୀ, ଡାରଫୁରର ନ୍ୟାଲା ସହରସ୍ଥିତ ଏକ ବ୍ୟସ୍ତବହୁଳ ବଜାର ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ୨୧ ଜଣ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ଆରଏସଏଫର ଗଡ଼ କୁହାଯାଉଥିବା ଏହି ଅଞ୍ଚଳରେ ସୁଦାନ ସେନା ପକ୍ଷରୁ ନିୟମିତ ଆକ୍ରମଣ କରାଯାଉଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆରଏସଏଫ୍ ବିଦ୍ରୋହୀମାନେ ପୂର୍ବ ସୁଦାନର ଅଲ୍-ଜଜିରା, ହ୍ୱାଇଟ୍ ନାଇଲ, ସେନ୍ନାର୍ ଏବଂ ଗେଦାରେଫ୍ ରାଜ୍ୟର ଅନେକ ପାୱାର ଷ୍ଟେସନ୍ ଓ ଅଲ୍-ମାର୍ଖିୟାତ୍ ଟ୍ରାନ୍ସଫର୍ମର ଷ୍ଟେସନ୍ ଉପରେ ଡ୍ରୋନ୍ ମାଡ଼ କରିଛନ୍ତି, ଯାହାଫଳରେ ଲକ୍ଷ ଲକ୍ଷ ଲୋକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ମିଳିତ ଜାତିସଂଘର ଆକଳନ ଅନୁଯାୟୀ, କେବଳ ଅକ୍ଟୋବର ମାସର ପ୍ରଥମ ତିନି ସପ୍ତାହ ମଧ୍ୟରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ୩୦୦ ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ୨୦୨୩ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ଗୃହଯୁଦ୍ଧରେ ଏପର୍ଯ୍ୟନ୍ତ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

## ଚାରି ମହଲାରୁ ଡେଇଁ ବୈଜ୍ଞାନିକଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୨୭।୧୦: ଭାରତର ହାଲୁକା ଯୁଦ୍ଧ ବିମାନଏମକେ-୨ ପ୍ରୋଗ୍ରାମ ସହିତ ଜଡ଼ିତ ଜଣେ ୪୭ ବର୍ଷୀୟ ବରିଷ୍ଠ ବୈଜ୍ଞାନିକ ବେଙ୍ଗାଲୁରୁରେ ଆତ୍ମହତ୍ୟା କରିଛନ୍ତି । ଏନଡିଟିଭି ରିପୋର୍ଟ ଅନୁସାରେ, ଦୀର୍ଘ ଦିନର ୱାର୍କ ଷ୍ଟ୍ରେସ୍ ଏବଂ ମାନସିକ ଚାପ ମୃତ୍ୟୁର କାରଣ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସିର ପ୍ରୋଗ୍ରାମିଂ ବିଭାଗର ବୈଜ୍ଞାନିକ ଶରଦ କଟିୟାର ଅକ୍ଟୋବର ୨୧ରେ ଆତ୍ମହତ୍ୟା କରିଥିଲେ । ବେଙ୍ଗାଲୁରୁର ସିଗେହାଲ୍ଲିରେ ଏକ ଆବାସିକ କୋଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ପରିବାର ଲୋକଙ୍କ କହିବା କଥା, ଶରଦ ଗତ ଏକ ମାସରୁ ଅଧିକ ସମୟ ଧରି କର୍ମକ୍ଷେତ୍ରରେ ଅତ୍ୟଧିକ ଚାପର ସମ୍ମୁଖୀନ ହେଉଥିଲେ। ସେ ମାନସିକ ଭାବେ ଚିନ୍ତାଗ୍ରସ୍ତ ହୋଇଥିଲେ । ଏପରି କି ସେ ଏକ ଘରୋଇ ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଉଥିଲେ । ସେଠାରେ ତାଙ୍କର ଡିପ୍ରେସିଭ୍ ଏପିସୋଡ୍ ସ୍ଥିତି ନେଇ ଜଣାପଡ଼ିଥିଲା । ଚିକିତ୍ସା ସହାୟତା ନେବା ସତ୍ତ୍ୱେ କାର୍ଯ୍ୟକ୍ଷେତ୍ରର ଚାପ ରହିଥିବା ପରିବାର ଅଭିଯୋଗ କରିଛି। ରିପୋର୍ଟ ଅନୁସାରେ, ଅକ୍ଟୋବର ୨୧ରେ ଶରଦ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍ଥ ଆଣ୍ଡ ନ୍ୟୁରୋସାଇନସ୍ସେକୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପାଇଁ ଯାଇଥିଲେ । ପୋଲିସର ସୂଚନା ଅନୁସାରେ, ଅକ୍ଟୋବର ୨୧ ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ୮ଟା ମଧ୍ୟରେ ଏହି ଘଟଣା ଘଟିଛି । ଶରଦ ନିଜ ଆପାର୍ଟମେଣ୍ଟ ବିଲ୍ଡିଂର ଚତୁର୍ଥ ଏବଂ ପଞ୍ଚମ ମହଲାର ମଧ୍ୟରେ ସିଢ଼ି ପାଖରେ ଥିବା ଏକ ଝରକାରୁ ଡେଇଁ ପଡ଼ିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସାଉଦି ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ହୁତିର କ୍ଷେପଣାସ୍ତ୍ର ଆକ୍ରମଣ ଦାବି

ନୂଆଦିଲ୍ଲୀ, ୨୭।୧୦: ୟେମେନର ହୁତି ବିଦ୍ରୋହୀ ଗୋଷ୍ଠୀ ରିୟାଦସ୍ଥିତ ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରାଳୟକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିବା ଦାବି କରିଛି। ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି କହିଛନ୍ତି, ସେମାନଙ୍କ ସେନା ଶତ୍ରୁ ଦେଶର ରାଜଧାନୀ ରିୟାଦରେ ଥିବା ପ୍ରତିରକ୍ଷା ମନ୍ତ୍ରାଳୟକୁ ଟାର୍ଗେଟ୍ କରିଛି ଏବଂ କ୍ଷେପଣାସ୍ତ୍ରଟି ସିଧାସଳଖ ଲକ୍ଷ୍ୟଭେଦ କରିଛି। ତେବେ ଏହା ପୂର୍ବରୁ ସାଉଦି ଆରବ ପକ୍ଷରୁ ହୁତି ବିଦ୍ରୋହୀଙ୍କ ଦ୍ୱାରା ନିକ୍ଷେପ କରାଯାଇଥିବା ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ନଷ୍ଟ କରିଦିଆଯାଇଥିବା କୁହାଯାଇଛି।

### କର୍କଟ ଔଷଧର ଦାମ୍‌କୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ୧୧ ହଜାର ଟଙ୍କାର ଇଞ୍ଜେକ୍ସନ ଏକ ଲକ୍ଷ ଦଶ ହଜାର ଟଙ୍କାରେ ବିକ୍ରି




ନୂଆଦିଲ୍ଲୀ, ୨୭/୧୦: କର୍କଟ ରୋଗର ଚିକିତ୍ସା ଏବେ ରୋଗୀଙ୍କ ପାଇଁ ଯେତିକି ଯନ୍ତ୍ରଣାଦାୟକ, ଔଷଧର ଆକାଶଛୁଆଁ ଦାମ୍ ସେତିକି ଚିନ୍ତାଜନକ। ଜୀବନ ବଞ୍ଚାଇବା ପାଇଁ ଆବଶ୍ୟକ ଔଷଧର ଦାମରେ ଏତେ ବଡ଼ ପାର୍ଥକ୍ୟ କାହିଁକି ? ଏହି ପ୍ରଶ୍ନ ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏପରି ମୂଲ୍ୟ ପାର୍ଥକ୍ୟକୁ କୋର୍ଟ 'ଖୋଲାଖୋଲି ଲୁଟ୍' ସହ ତୁଳନା କରିଛନ୍ତି। କର୍କଟ ଔଷଧର ଅହେତୁକ ଦରବୃଦ୍ଧି ଏବଂ ଘରୋଇ ହସ୍ପିଟାଲରେ ଅଧିକ ଦାମରେ ଔଷଧ ବିକ୍ରି ହେଉଥିବା ପ୍ରସଙ୍ଗରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି। ଔଷଧର ପ୍ରକୃତ ଦାମ୍ ଓ ରୋଗୀଙ୍କଠାରୁ ନିଆଯାଉଥିବା ଦାମ୍ ମଧ୍ୟରେ ଏତେ ବଡ଼ ବ୍ୟବଧାନ କାହିଁକି ରହିଛି, ତାହାର ଜବାବ ମାଗିଛନ୍ତି କୋର୍ଟ। ମାମଲାର ଶୁଣାଣି ସମୟରେ କୋର୍ଟ ସମସ୍ତ ପକ୍ଷଙ୍କୁ ଦୁଇ ସପ୍ତାହ ମଧ୍ୟରେ ନିଜ ନିଜର ଲିଖିତ ଯୁକ୍ତି ଦାଖଲ କରିବାକୁ କହିଛନ୍ତି। ଏହା ସହ ମାମଲାରେ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ସମୟରେ କର୍କଟ ରୋଗର କେମୋଥେରାପିରେ ବ୍ୟବହୃତ ଏକ ଇଞ୍ଜେକ୍ସନର ଉଦାହରଣ ଦେଇଥିଲେ ସୁପ୍ରିମକୋର୍ଟ। ଏହି ଇଞ୍ଜେକ୍ସନର ଦାମ୍ ପ୍ରାୟ ୧୧ ହଜାର ଟଙ୍କା ଥିବାବେଳେ ହସ୍ପିଟାଲରେ ଏହାକୁ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କାରେ ବିକ୍ରି କରାଯାଉଥିବା କୋର୍ଟଙ୍କ ନଜରକୁ ଆସିଛି। ଔଷଧର ଦାମରେ ଏଭଳି ବିପୁଳ ପାର୍ଥକ୍ୟକୁ ନେଇ କୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ରୋଗୀଙ୍କୁ ଏପରି ଭାବେ ଅଧିକ ଟଙ୍କା ଦେବାକୁ ପଡ଼ିବ କାହିଁକି, ଏବଂ ଏହାକୁ ରୋକିବା ପାଇଁ ସରକାର କ'ଣ କରୁଛନ୍ତି, ସେନେଇ ପ୍ରଶ୍ନ ଉଠାଇଥିଲେ। କୋର୍ଟଙ୍କ ମତରେ, ଔଷଧର ଦାମ୍ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ପଦକ୍ଷେପ ଏଭଳି ବଡ଼ ମୂଲ୍ୟ ପାର୍ଥକ୍ୟକୁ ରୋକିବାରେ ପର୍ଯ୍ୟାପ୍ତ ହେଉନାହିଁ। କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଦାଖଲ କରିଥିବା ଏକ ସତ୍ୟପାଠରେ କର୍କଟ ଔଷଧର ଟ୍ରେଡ୍ ମାର୍ଜିନକୁ ୩୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ବିଷୟରେ ଜଣାଇଛନ୍ତି। ଏହି ସୀମା ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ ଆଧାରରେ ଲାଗୁ ହେବ, ଖୁଚୁରା ବ୍ୟବସାୟୀଙ୍କୁ ଔଷଧ ଯୋଗାଣ ମୂଲ୍ୟ ଆଧାରରେ ନୁହେଁ। କିନ୍ତୁ ସରକାରଙ୍କ ଏହି ପଦକ୍ଷେପ ଔଷଧର ଅତ୍ୟଧିକ ମୂଲ୍ୟ ସମସ୍ୟାର ସମାଧାନ କରିପାରିବ କି ନାହିଁ, ସେନେଇ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ସହ ଅତ୍ୟାବଶ୍ୟକ ଔଷଧ ଚିହ୍ନଟ କରିବା ପାଇଁ କେଉଁ ମାନଦଣ୍ଡ ଆପଣାଯାଉଛି, ତାହା ସ୍ପଷ୍ଟ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକରେ ଔଷଧ ଏବଂ ଚିକିତ୍ସା ଉପକରଣର ଦାମରେ ଏତେ ବଡ଼ ପାର୍ଥକ୍ୟ କାହିଁକି ରହିଛି, ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏହାର ଜବାବ ମାଗିଛନ୍ତି। ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି କହିଥିଲେ ଯେ ଔଷଧର ଦାମକୁ ନେଇ ସରକାର ଲଗାତାର ସୁଧାରମୂଳକ ପଦକ୍ଷେପ ନେଉଛନ୍ତି। ତେବେ ଏହି ପଦକ୍ଷେପଗୁଡ଼ିକ ମୂଲ୍ୟରେ ଥିବା ବିପୁଳ ପାର୍ଥକ୍ୟକୁ ଦୂର କରିପାରୁନଥିବା କୋର୍ଟ ମତ ଦେଇଛନ୍ତି।ଏହି ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଔଷଧର ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା। ସୁପ୍ରିମକୋର୍ଟଙ୍କ ନଜରକୁ ଆସିଛି ଯେ ପ୍ରାୟ ୯୦ ପ୍ରତିଶତ ଔଷଧ ଡ୍ରଗ୍ ପ୍ରାଇସ୍ କଣ୍ଟ୍ରୋଲ୍ ଅର୍ଡର ନିୟନ୍ତ୍ରଣ ବାହାରେ ରହିଛି। ଏହା ସହ ଔଷଧ କମ୍ପାନୀଗୁଡ଼ିକଠାରୁ ଅଧିକ ମୂଲ୍ୟ ଆଦାୟ ସମ୍ପର୍କିତ ପ୍ରାୟ ୮,୦୦୦ କୋଟି ଟଙ୍କାର ଆଦାୟ ଏବେ ବି ବାକି ରହିଥିବା କୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପରିସ୍ଥିତିରେ ଔଷଧର ଦାମ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ପ୍ରଭାବଶାଳୀ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। କର୍କଟ ଭଳି ଗୁରୁତର ରୋଗର ଚିକିତ୍ସା ଦୀର୍ଘ ସମୟ ଧରି ଚାଲିଥାଏ। ଏଥିପାଇଁ ରୋଗୀଙ୍କୁ ନିୟମିତ ଭାବେ ଔଷଧ, ଇଞ୍ଜେକ୍ସନ୍ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ ଆବଶ୍ୟକ ହୋଇଥାଏ। ଏପରି ସ୍ଥିତିରେ ଔଷଧର ଦାମରେ ବଡ଼ ପାର୍ଥକ୍ୟ ରୋଗୀ ଓ ତାଙ୍କ ପରିବାର ପାଇଁ ଗୁରୁତର ଆର୍ଥିକ ସମସ୍ୟା ସୃଷ୍ଟି କରିପାରେ। ସରକାରଙ୍କ ଆୟୁଷ୍ମାନ ଭାରତ ଭଳି ଯୋଜନା ମାଧ୍ୟମରେ ଚିକିତ୍ସା ଖର୍ଚ୍ଚରେ ସହାୟତା ମିଳୁଥିଲେ ମଧ୍ୟ, ଏହାର ନିର୍ଦ୍ଧାରିତ ସୀମା ରହିଛି। ତେଣୁ ଔଷଧର ଅତ୍ୟଧିକ ମୂଲ୍ୟର ପ୍ରଭାବ ଶେଷରେ ରୋଗୀଙ୍କୁ ହିଁ ସହିବାକୁ ପଡୁଛି ବୋଲି କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।

## ଦେଶ ଛାଡ଼ିବା ନୋଟିସ ମାମଲାରେ ଇମ୍ରାନଙ୍କୁ ଆଶ୍ୱସ୍ତି ନଭେମ୍ବର ୨ ପର୍ଯ୍ୟନ୍ତ ହେବନି କାର୍ଯ୍ୟାନୁଷ୍ଠାନ






ମୁମ୍ବାଇ, ୨୭।୧୦: ଦେଶ ଛାଡ଼ି ଚାଲିଯିବାକୁ ଦିଆଯାଇଥିବା ନୋଟିସ୍‌ରେ ଅଭିନେତା ଇମ୍ରାନ ଖାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପରିବର୍ତ୍ତି ଶୁଣାଣି ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଇମ୍ରାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ବମ୍ବେ ହାଇକୋର୍ଟରେ କହିଛନ୍ତି କେନ୍ଦ୍ର ସରକାର। ଜ୍ଞାନେଶ କୁମାରଙ୍କର ଏସ୍‌ଆଇଆର ବିରୁଦ୍ଧରେ ହୋଇଥିବା ସିଜେପି ଆନ୍ଦୋଳନରେ ଯୋଗ ଦେଇଥିଲେ ବଲିଉଡ୍ ଅଭିନେତା ଇମ୍ରାନ ଖାନ। ଏଥିପାଇଁ ତାଙ୍କ ବିରୁଦ୍ଧରେ ଏହି ନୋଟିସ୍ ଜାରି କରାଯାଇଥିଲା। ପ୍ରକୃତରେ ଇମ୍ରାନ ଖାନ ହେଉଛନ୍ତି ଜଣେ ଆମେରିକୀୟ ନାଗରିକ। ହେଲେ ତାଙ୍କ ପାଖରେ ଭାରତର ବିଦେଶୀ ନାଗରିକ(ଓସିଆଇ) କାର୍ଡ ରହିଛି। ଜଣେ ଆମେରିକା ନାଗରିକ ହୋଇ ଭାରତରେ ଆନ୍ଦୋଳନ କରିଥିବାରୁ ଇମ୍ରାନଙ୍କ ବିରୁଦ୍ଧରେ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ନୋଟିସ ଜାରି କରିଥିଲା। ଅକ୍ଟୋବର ୨୮ ତାରିଖରେ ତାଙ୍କୁ ଦେଶ ଛାଡ଼ି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନୋଟିସ୍ ବିରୁଦ୍ଧରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଇମ୍ରାନ। ଆସନ୍ତାକାଲି ତାଙ୍କ କଷ୍ଟ ପୂରିବା ପୂର୍ବରୁ ମଙ୍ଗଳବାର ଏହି ନୋଟିସରେ ସରକାରଙ୍କ ପକ୍ଷରୁ ତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ନଭେମ୍ବର ୨ ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସରକାର ହାଇକୋର୍ଟଙ୍କୁ କହିଛନ୍ତି। ସିଜେପି ଆନ୍ଦୋଳକୁ ବିରୋଧ କରି ବିଜେପି ନେତା କିର୍ତ୍ତୀ ସୋମାୟା ଥାନାରେ ମାମଲା କରିଥିଲେ। ଅଭିନେତା ଆମେରିକା ନାଗରିକ ହୋଇ ସେ ଆନ୍ଦୋଳରେ ଯୋଗ ଦେଇଥିଲେ।

## ଭାରତର ଆନୁବଂଶିକ ବିବିଧତା ଜିନ୍ ଗବେଷଣାର ଶକ୍ତି ହେବ: ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀ, ୨୭।୧୦: କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଡକ୍ଟର ଜିତେନ୍ଦ୍ର ସିଂହ ମଙ୍ଗଳବାର କହିଛନ୍ତି ଯେ ଭାରତର ସମୃଦ୍ଧ ଆନୁବଂଶିକ ବିବିଧତା ଦେଶକୁ ଜିନ୍ ଗବେଷଣା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ପାଦ ଦେଇପାରିବ। ଆଗାମୀ ବର୍ଷଗୁଡ଼ିକରେ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭାରତର ଅନନ୍ୟ ଆନୁବଂଶିକ ସମ୍ବଳ ଆଡ଼କୁ ଦୃଷ୍ଟି ଦେଇପାରନ୍ତି। ଭାରତ ମଣ୍ଡପମରେ ଆୟୋଜିତ ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସମ୍ମିଳନୀ(ଇ.ଏସ୍.ଟି.ଆଇ.ସି.)-୨୦୨୬ରେ ସିଷ୍ଟମ୍ ଏବଂ ସିନଥେଟିକ୍ ବାୟୋଲୋଜି ଉପରେ ଆୟୋଜିତ ଅଧିବେଶନକୁ ସମ୍ବୋଧିତ କରି ସେ କହିଥିଲେ ଯେ ଆନୁବଂଶିକ ଏବଂ ଶାରୀରିକ ବୈଶିଷ୍ଟ୍ୟରେ ଭାରତର ବିବିଧତା ବୈଜ୍ଞାନିକ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଥାଏ। ଏହା ବିଭିନ୍ନ ପ୍ରକାରର ରୋଗକୁ ବୁଝିବା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ସମାଧାନ ଖୋଜିବାରେ ସାହାଯ୍ୟ କରିପାରିବ। ସେ କହିଥିଲେ ଯେ ଜୈବପ୍ରଯୁକ୍ତିର ଉଦୀୟମାନ କ୍ଷେତ୍ରରେ ଭାରତକୁ ନିଜର ଘରୋଇ ସାମର୍ଥ୍ୟକୁ ବିକଶିତ କରିବାର ଆବଶ୍ୟକତା ରହିଛି। ଦେଶର ବୈଜ୍ଞାନିକ ପ୍ରତିଭା ଏବଂ ଗବେଷଣା ସାମର୍ଥ୍ୟକୁ ବ୍ୟବହାରିକ ଉପଯୋଗରେ ପରିଣତ କରିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ କ୍ଷେତ୍ର ଲାଭବାନ ହେବ ନାହିଁ, ବରଂ ଭାରତର ଜୈବ ପ୍ରଯୁକ୍ତି ଇକୋସିଷ୍ଟମକୁ ମଧ୍ୟ ସୁଦୃଢ଼ କରିବ।

## ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ



ୱାଶିଂଟନ୍, ୨୭।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି ପୂର୍ବତନ ମିସ୍ ସ୍ୱିଜରଲାଣ୍ଡ ତଥା ମଡେଲ୍ ବିଟ୍ରିସ୍ କିଉଲ୍। ୧୯୯୩ ମସିହାରେ ଆମେରିକାର ନ୍ୟୁୟର୍କସ୍ଥିତ ପ୍ଲାଜା ହୋଟେଲରେ ଟ୍ରମ୍ପ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଆମେରିକା ପ୍ରତିନିଧି ସଭାର ନ୍ୟାୟିକ କମିଟିର ଡେମୋକ୍ରାଟ୍ ସଦସ୍ୟମାନେ ଅକ୍ଟୋବର ୨୬ରେ ପ୍ରକାଶ କରିଥିବା ୫୩ ପୃଷ୍ଠାର ଏକ ରିପୋର୍ଟରେ ଏହି ଅଭିଯୋଗ ସ୍ଥାନ ପାଇଛି। ତେବେ ହ୍ୱାଇଟ୍ ହାଉସ୍ ଏହି ଅଭିଯୋଗକୁ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହି ଖଣ୍ଡନ କରିଛି। ରିପୋର୍ଟ ଅନୁଯାୟୀ, ୧୯୯୩ ନଭେମ୍ବରରେ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ୨୪ ବର୍ଷୀୟା କିଉଲ୍‌ଙ୍କ ସହ ଟ୍ରମ୍ପଙ୍କ ପରିଚୟ ହୋଇଥିଲା। ସେତେବେଳେ ଟ୍ରମ୍ପ ନ୍ୟୁୟର୍କର ପ୍ଲାଜା ହୋଟେଲର ମାଲିକ ଥିଲେ। କିଉଲ୍‌ଙ୍କ ଅଭିଯୋଗ ଅନୁସାରେ, ଟ୍ରମ୍ପ ତାଙ୍କୁ ଆମେରିକାର ଭିସା କରାଇଦେବା ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଭାରତ ଉପରେ ଅଭିଯୋଗ ଆଣିଲେ ଶେହବାଜ 'କାଶ୍ମୀର ବିବାଦର ସମାଧାନ ବିନା ଶାନ୍ତି ନାହିଁ'



ନୂଆଦିଲ୍ଲୀ, ୨୭।୧୦: ଜାମ୍ମୁ-କାଶ୍ମୀରକୁ ନେଇ ପୁଣି ଭାରତ ବିରୋଧରେ ବୟାନ ଦେଇଛନ୍ତି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ। ଅକ୍ଟୋବର ୨୭କୁ କାଶ୍ମୀରର 'ବ୍ଲାକ୍ ଡେ' ଭାବେ ଉଲ୍ଲେଖ କରି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ବିବୃତି ଜାରି କରାଯାଇଛି । ଏଥିରେ ଶହବାଜ ଶରିଫ ଜାମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବା ସହ ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଦକ୍ଷିଣ ଏସିଆରେ ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ ବୋଲି କହିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ବିବୃତି ଅନୁସାରେ, ୭୯ ବର୍ଷ ପୂର୍ବେ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିବା ପରେ ଜାମ୍ମୁ-କାଶ୍ମୀରର ଇତିହାସରେ ଏକ ଦୁଃଖଦ ଅଧ୍ୟାୟ ଆରମ୍ଭ ହୋଇଥିଲା । ଏହାର ପ୍ରଭାବ ଏବେ ମଧ୍ୟ ଏହି ଅଞ୍ଚଳ ଉପରେ ରହିଥିବା ସେ ଦାବି କରିଛନ୍ତି । ଏଥିସହ କାଶ୍ମୀରବାସୀଙ୍କୁ ଆତ୍ମନିର୍ଣ୍ଣୟ ଅଧିକାରରୁ ବଞ୍ଚିତ କରାଯାଇଥିବା ଶେହବାଜ ଅଭିଯୋଗ କରିଛନ୍ତି। ଏହି ଅଧିକାରକୁ ଜାତିସଂଘ ସୁରକ୍ଷା ପରିଷଦର ସମ୍ପୃକ୍ତ ପ୍ରସ୍ତାବରେ ମଧ୍ୟ ସ୍ୱୀକୃତି ମିଳିଥିବା ସେ ନିଜ ବିବୃତିରେ ଉଲ୍ଲେଖ କରିଛନ୍ତି। ଶେହବାଜ ଶରିଫ ଆହୁରି କହିଛନ୍ତି ଯେ, ଭାରତର ଅଧୀନରେ ଥିବା ଜାମ୍ମୁ-କାଶ୍ମୀରର ଲୋକେ ଅନେକ କଷ୍ଟ, ଯନ୍ତ୍ରଣା ଓ ଦମନର ସାମ୍ନା କରିଛନ୍ତି। ତଥାପି ନିଜର ମୌଳିକ ଅଧିକାର ହାସଲ କରିବା ପାଇଁ ସେମାନଙ୍କ ସାହସ ଓ ଦୃଢ଼ ସଂକଳ୍ପ ଅକ୍ଷୁଣ୍ଣ ରହିଛି ବୋଲି ସେ ଦାବି କରିଛନ୍ତି । ଅନେକ ପିଢ଼ି ଧରି କାଶ୍ମୀରବାସୀ ଦେଇଥିବା ବଳିଦାନ ସ୍ୱାଧୀନତା, ସମ୍ମାନ ଓ ନ୍ୟାୟ ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି । ନିଜ ବିବୃତିରେ ଶହବାଜ ଭାରତ ସରକାରଙ୍କ ଉପରେ କାଶ୍ମୀରବାସୀଙ୍କ ରାଜନୈତିକ ସ୍ୱରକୁ ଦମନ କରିବା ଏବଂ ସେମାନଙ୍କ ଦାବି ଉଠାଉଥିବା ଲୋକଙ୍କୁ ଚୁପ୍ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ଆଣିଛନ୍ତି । କାଶ୍ମୀରର ରାଜନୈତିକ ନେତା, କର୍ମୀ ଏବଂ ମାନବାଧିକାର କର୍ମୀଙ୍କୁ ଦୀର୍ଘ ସମୟ ଧରି ଜେଲରେ ରଖାଯିବା ନେଇ ମଧ୍ୟ ସେ ଚିନ୍ତା ପ୍ରକାଶ କରିଛନ୍ତି । ଜାମ୍ମୁ-କାଶ୍ମୀର ବିବାଦର ନ୍ୟାୟସଙ୍ଗତ ଓ ଶାନ୍ତିପୂର୍ଣ୍ଣ ସମାଧାନ ନହେବା ପର୍ଯ୍ୟନ୍ତ ଦକ୍ଷିଣ ଏସିଆରେ ସ୍ଥାୟୀ ଶାନ୍ତି ଓ ସ୍ଥିରତା ଆସିପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି ।

## ଜେଲ୍ ଭାଙ୍ଗି ଫେରାର୍ ୧୭ କଏଦୀ ଡ୍ରୋନ୍ ଲଗାଇ ୧୩ ଜଣଙ୍କୁ ଧରିଲା ପୁଲିସ୍



ଚେନ୍ନାଇ, ୨୭।୧୦: ତାମିଲନାଡୁରେ ଜେଲରୁ ଫେରାର୍ ହୋଇ ଯାଇଥିବା ୧୭ ଜଣ କଏଦୀଙ୍କ ମଧ୍ୟରୁ ୧୩ ଜଣଙ୍କୁ ପୁଲିସ୍ ଗିରଫ କରିବାରେ ସଫଳ ହୋଇଛି। ସୋମବାର ରାତିରେ ଜେଲ୍ ବ୍ରେକ୍ ଘଟଣା ଘଟିବା ପରେ ପୁଲିସ୍ ପ୍ରଥମେ ୪ ଜଣ କଏଦୀଙ୍କୁ କାବୁ କରିଥିଲା। ତେବେ ମଙ୍ଗଳବାର ସକାଳେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ କଡ଼ା ନିର୍ଦ୍ଦେଶକ୍ରମେ ପୁଲିସ୍ ଡ୍ରୋନ୍ କ୍ୟାମେରାର ବ୍ୟବହାର କରିଥିଲା । ଏହାଦ୍ୱାରା ପୁଲିସକୁ ବଡ଼ ସଫଳତା ମିଳିଥିଲା ଏବଂ ମାତ୍ର ୧୫ ଘଣ୍ଟା ମଧ୍ୟରେ ୧୩ ଜଣ ଫେରାର୍ କଏଦୀଙ୍କୁ ପୁଲିସ୍ ହାଜତକୁ ନିଆଯାଇଛି । ତାମିଲନାଡୁ ପୁଲିସ୍ ଧରାପଡ଼ି ଥିବା କଏଦୀଙ୍କ ଫେରାର୍ ହେବାର ଫୁଟେଜ୍ ସହ ସେମାନଙ୍କ ଫଟୋ ମଧ୍ୟ ସେୟାର କରିଛି । ତାମିଲନାଡୁର ଥେନି ଜିଲ୍ଲାସ୍ଥିତ ଥେକ୍କମପଟ୍ଟୀ ସବ୍-ଜେଲରେ ସୋମବାର ରାତି ପ୍ରାୟ ୧୦ଟା ୩୦ ସମୟରେ ଏହି ବଡ଼ ଘଟଣା ଘଟି ଥିଲା । ଜେଲରୁ ୧୭ ଜଣ ବିଚାରାଧୀନ କଏଦୀ ଫେରାର୍ ହୋଇଯାଇ ଥିଲେ। ତାମିଲନାଡୁ ପୁଲିସ୍ ନିଜର ସାଉଥ୍ ଜୋନ୍ ଏକ୍ସ ହ୍ୟାଣ୍ଡେଲରେ ଲେଖିଛି ଯେ, ଥେନି ଜିଲ୍ଲାରେ ଫେରାର୍ କଏଦୀଙ୍କୁ ତୁରନ୍ତ ଚିହ୍ନଟ କରିବା ଏବଂ ଧରିବା ପାଇଁ ଡ୍ରୋନ୍ ନଜରର ବ୍ୟବହାର କରାଯାଇଥିଲା । ବର୍ତ୍ତମାନ କେବଳ ୪ ଜଣ କଏଦୀ ଫେରାର୍ ଅଛନ୍ତି । ଏହି ଘଟଣା ପରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କୁ ଘେରିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜୟ ନିଜେ ସମ୍ପୂର୍ଣ୍ଣ ଅପରେସନ୍ ଉପରେ ନଜର ରଖି ଥିଲେ । ସୂତ୍ରରୁ ପ୍ରକାଶ ଯେ, ଯେକୌଣସି ପରିସ୍ଥିତିରେ ଫେରାର୍ କଏଦୀଙ୍କୁ ଧରିବା ପାଇଁ ସିଏମ୍ ବିଜୟ ନିର୍ଦ୍ଦେଶ ଦେଇଥିଲେ। ଫିଲ୍ମ ଷ୍ଟାଇଲରେ ଜେଲରୁ ଖସି ଯାଇଥିବା କଏଦୀମାନେ ଫିଲ୍ମ ଅନ୍ଦାଜରେ ହିଁ ଧରାପଡ଼ିଛନ୍ତି । ସେମାନେ ଡ୍ରୋନ୍ ଆଖିରୁ ଲୁଚି ପାରି ନଥିଲେ । ପୁଲିସ୍ ପକ୍ଷରୁ ୩୩ ସେକେଣ୍ଡର ଏକ ଭିଡିଓ ମଧ୍ୟ ଜାରି କରାଯାଇଛି, ଯେଉଁଥିରେ ଜଙ୍ଗଲ ମଧ୍ୟରେ ଲୁଚିଥିବା ଏହି କଏଦୀମାନେ ଦୌଡୁଥିବାର ଦେଖିବାକୁ ମିଳୁଛି । ଥେନି ଜେଲ୍ ବ୍ରେକ୍ ଘଟଣା ପରେ ଡିଏମକେ ଓ ବିଜେପି ସମେତ ରାଜ୍ୟର ବିରୋଧୀ ଦଳଗୁଡ଼ିକ ସିଏମ୍ ବିଜୟଙ୍କୁ ସମାଲୋଚନା କରିଥିଲେ। ସିଏମଙ୍କ ଆଦେଶ ପରେ ରାଜ୍ୟ ଡିଜିପି ମହେଶ କୁମାର ଅଗ୍ରୱାଲ ବରିଷ୍ଠ ଅଧିକାରୀମାନଙ୍କୁ ଏହି ଅପରେସନରେ ନିୟୋଜିତ କରିଥିଲେ।

## ଚୀନ୍ ସୀମାରେ ଜଗିବା ପାଇଁ ସୁରକ୍ଷା ବାହିନୀରେ କର୍ମଚାରୀ ଅଭାବ



ଚଣ୍ଡୀଗଡ, ୨୭।୧୦: ଅରୁଣାଚଳ ପ୍ରଦେଶରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଏକାଧିକ ସ୍ଥାନରେ ସୀମା ବିବାଦ ଓ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ଦେଶର ସୁରକ୍ଷା ବାହିନୀରେ ଜନବଳ ଅଭାବ ଚିନ୍ତା ବଢ଼ାଇଛି। ଭାରତ-ଚୀନ୍ ସୀମାର ସୁରକ୍ଷା ଦାୟିତ୍ୱରେ ଥିବା ଭାରତ-ତିବ୍ବତ ସୀମା ପୁଲିସ (ଆଇଟିବିପି) ସମେତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଫ୍)ରେ ବହୁ ପଦ ଖାଲି ପଡ଼ିଛି। ଏହା ସୁରକ୍ଷା ଆହ୍ୱାନର ମୁକାବିଲା କରିବାରେ ବାହିନୀଗୁଡ଼ିକର ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଆଇଟିବିପିରେ ମୋଟ ୧,୦୫,୧୩୬ଟି ଅନୁମୋଦିତ ପଦ ଥିବାବେଳେ ଏବେ ୯୨,୮୦୩ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଏବଂ ୧୨,୩୩୩ଟି ପଦ ଖାଲି ପଡ଼ିଛି। ବର୍ତ୍ତମାନର କର୍ମଚାରୀ ସଂଖ୍ୟା ତୁଳନାରେ ଏହି ଅଭାବ ୧୩.୨ ପ୍ରତିଶତ। ସେହିପରି ପାକିସ୍ତାନ ଓ ବାଂଲାଦେଶ ସୀମାର ସୁରକ୍ଷା ଦାୟିତ୍ୱରେ ଥିବା ବିଏସ୍‌ଏଫ୍‌ରେ ୨,୭୧,୮୭୭ଟି ଅନୁମୋଦିତ ପଦ ମଧ୍ୟରୁ ୨,୫୭,୩୪୬ ଜଣ କାର୍ଯ୍ୟରତ ଅଛନ୍ତି। ଏଠାରେ ୧୪,୫୩୧ଟି ପଦ ଖାଲି ରହିଛି। ସେହିପରି ଦେଶର ସର୍ବବୃହତ୍ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ସିଆରପିଏଫରେ ୩,୩୦,୮୧୮ଟି ଅନୁମୋଦିତ ପଦ ମଧ୍ୟରୁ ୩,୦୩,୪୧୮ ଜଣ କାର୍ଯ୍ୟରତ ଅଛନ୍ତି। ଏହି ବାହିନୀରେ ୨୭,୪୦୦ ପଦ ଖାଲି ରହିଛି। ଆଭ୍ୟନ୍ତରୀଣ ସୁରକ୍ଷା ସହ ଆଇନଶୃଙ୍ଖଳା ପରିସ୍ଥିତିରେ ରାଜ୍ୟ ପୁଲିସକୁ ସହାୟତା କରିବା ସିଆର୍ପିଏଫ୍ର ପ୍ରମୁଖ ଦାୟିତ୍ୱ।ସୂତ୍ରରୁ ଜଣାପଡ଼ିଛି।

# ଠିକା କାମକୁ ନେଇ ଆକ୍ରମଣ, ୫ ଗିରଫ

ଭୁବନେଶ୍ୱର(ନି.ପ୍ର): ଠିକା କାମକୁ ନେଇ ବିବାଦ ଓ ଆକ୍ରମଣ ଘଟଣାରେ ଖାରବେଳନଗର ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀକାନ୍ତ କୁମାର ବେହେରା ଓ ତାଙ୍କର ଚାରି ଜଣ ସହଯୋଗୀ ମହମ୍ମଦ ରଫିକ୍ ଖାନ, ମହମ୍ମଦ ନାଭେଦ୍ ଖାନ, ଜାଭେଦ୍ ଖାନ ଓ ରାଜୁ ଗୌତମ। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ବାଦଶାହ ଖାନ ଭୁବନେଶ୍ୱର ୟୁନିଟ୍-୪ ସ୍ଥିତ କ୍ୱାର୍ଟର ପ୍ରୋଜେକ୍ଟରେ କେଇସି ଇଂଟରନ୍ୟାସନାଲ ଅଧୀନରେ ସବ୍‌କଣ୍ଟ୍ରାକ୍ଟର/ଭେଣ୍ଡର ଭାବେ କାର୍ଯ୍ୟ କରନ୍ତି। ଉକ୍ତ ପ୍ରୋଜେକ୍ଟରେ ରାଧାକାନ୍ତ ନାମକ ଅନ୍ୟ ଜଣେ ସବ୍‌କଣ୍ଟ୍ରାକ୍ଟର ମଧ୍ୟ କାର୍ଯ୍ୟ କରନ୍ତି। ରାଧାକାନ୍ତ ଓ ତାଙ୍କ ସହଯୋଗୀମାନେ ଅଭିଯୋଗକାରୀଙ୍କ କର୍ମଚାରୀଙ୍କୁ ଧମକ ଦେଇ କାମ ବନ୍ଦ କରିବାକୁ କହିଥିଲେ। ଏହି ସ୍ଥାନରେ କେବଳ ସେମାନେ ହିଁ କାମ କରିବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ନିଜ କ୍ଲାଏଣ୍ଟଙ୍କୁ ଜଣାଇବେ ବୋଲି କହିବାରୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାମ ଜାରି ରଖିଲେ ଶାରୀରିକ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀ କେଇସି ଇଂଟର ନ୍ୟାସନାଲର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ । ଅଧିକାରୀ ଜଣକ ବିବାଦର ଆପୋଷ ସମାଧାନ କରାଯିବ ବୋଲି କହିଥିଲେ। ପରେ ଅଭିଯୋଗକାରୀ ଓ ତାଙ୍କ ସହଯୋଗୀମାନେ ଆଲୋଚନା ପାଇଁ କ୍ଲାଏଣ୍ଟଙ୍କ ସାଇଟ୍ ଅଫିସକୁ ଯାଇଥିବା ସମୟରେ ପ୍ରାୟ ୧୦ରୁ ୧୨ଜଣ ବ୍ୟକ୍ତି ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ତିନି ଜଣ ସହକର୍ମୀ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ପ୍ରୋଜେକ୍ଟର ଜରୁରୀକାଳୀନ ଆମ୍ବୁଲାନ୍ସ ଯୋଗେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଥିମଧ୍ୟରୁ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୭ରୁ ୮ଟି ଷ୍ଟିଚ୍ ପଡ଼ିଥିଲା । ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାଇ ରାଧାକାନ୍ତ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ମଧ୍ୟ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣରୁ ନିବୃତ୍ତ କରିନଥିଲେ। ଆକ୍ରମଣରେ ସାମିଲ ଥିବା ବ୍ୟକ୍ତିମାନଙ୍କ ପାଖରେ କ୍ୱାର୍ଟର କଲୋନୀରେ ପ୍ରବେଶ ପାଇଁ ବୈଧ ଗେଟ୍ ପାସ୍ ନଥିବା, ଏଥିସହ ଅଭିଯୁକ୍ତ ଶ୍ରୀକାନ୍ତ କୁମାର ବେହେରାଙ୍କ ପୂର୍ବ ଯୋଜନା ଅନୁଯାୟୀ କିଛି ବାହାର ଲୋକଙ୍କୁ ପ୍ରୋଜେକ୍ଟ ସ୍ଥଳକୁ ଅଣାଯାଇ ସମୂହ ଭାବେ ଆକ୍ରମଣ କରାଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ଏହି ଘଟଣା ସମୟରେ ଗେଟ୍ ବାହାରେ ରଖାଯାଇଥିବା ଅଭିଯୋଗକାରୀଙ୍କ ମୋଟରସାଇକେଲକୁ ମଧ୍ୟ ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି । ଘଟଣାର ଭିଡିଓ ଜଣେ ସାଇଟ୍ କର୍ମଚାରୀ ରେକର୍ଡ କରିଥିବା ବେଳେ ଅଫିସ ସମ୍ମୁଖରେ ଲାଗିଥିବା ସିସିଟିଭି କ୍ୟାମେରାରେ ମଧ୍ୟ ସମ୍ପୂର୍ଣ୍ଣ ଘଟଣା କଏଦ ହୋଇଥିବା ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ବାଦଶାହା ଖାନ କେଇସି ଇଂଟରନ୍ୟାସନାଲ କମ୍ପାନୀ ଅଧୀନରେ ଭୁବନେଶ୍ୱର ୟୁନିଟ୍-୪ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ପାଇଁ ସବ୍‌କଣ୍ଟ୍ରାକ୍ଟର ଭାବେ କାମ କରୁଛନ୍ତି। ଅନ୍ୟପକ୍ଷରେ ରାଧାକାନ୍ତ ମଧ୍ୟ ଉକ୍ତ କମ୍ପାନୀ ଅଧୀନରେ ସିଲିଂ ଓ ପ୍ଲାଷ୍ଟରିଂ କାମର ସବ୍‌କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ରାଧାକାନ୍ତ ଏହି କାମର ତଦାରଖ ପାଇଁ ଶ୍ରୀକାନ୍ତ କୁମାର ବେହେରାଙ୍କୁ ସୁପରଭାଇଜର ଭାବେ ନିଯୁକ୍ତ କରିବା ସହ କିଛି ଶ୍ରମିକଙ୍କୁ କାମରେ ଲଗାଇଥିଲେ । ଗତ ତା. ୨୬.୧୦.୨୦୨୬ ରିଖରେ ଭୁବନେଶ୍ୱର ୟୁନିଟ୍-୪ ସ୍ଥିତ ମାନ୍ୟବର ବିଧାୟକମାନଙ୍କ ପାଇଁ ନିର୍ମାଣାଧୀନ କୋଠାର ଟାଇପ୍-୦୭, ବ୍ଲକ୍-୦୨, ତୃତୀୟ ମହଲାରେ ଥିବା ଏକ ଫ୍ଲାଟ୍‌ରେ ବାଦଶାହା ଖାନ ନିଜ ସୁପରଭାଇଜର ଓ ଶ୍ରମିକଙ୍କୁ କାମ କରିବାକୁ ନିୟୋଜିତ କରିଥିଲେ। ସେହି ସମୟରେ ଶ୍ରୀକାନ୍ତ କୁମାର ବେହେରା ନିଜ ଶ୍ରମିକମାନଙ୍କ ସହ ଉକ୍ତ ବ୍ଲକ୍‌ରେ ପହଞ୍ଚି ବାଦଶାହା ଖାନଙ୍କ କର୍ମଚାରୀମାନଙ୍କୁ କାମ କରିବାରେ ବାଧା ଦେଇଥିଲେ। ଏହାକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା । ଅଭିଯୋଗ ଅନୁଯାୟୀ, ଶ୍ରୀକାନ୍ତ କୁମାର ବେହେରା ଓ ତାଙ୍କର ଚାରି ଜଣ ସହଯୋଗୀ ମହମ୍ମଦ ରଫିକ୍ ଖାନ, ମହମ୍ମଦ ନାଭେଦ୍ ଖାନ, ଜାଭେଦ୍ ଖାନ ଓ ରାଜୁ ଗୌତମ ମିଶି ବାଦଶାହା ଖାନ ଏବଂ ତାଙ୍କ ଶ୍ରମିକମାନଙ୍କୁ ଆକ୍ରମଣ କରିଥିଲେ। ଏପରିକି ମୁଣ୍ଡକୁ ଲକ୍ଷ୍ୟ କରି ଆଘାତ କରିବା ସହ ଜୀବନରେ ମାରିଦେବା ଏବଂ କାମ ଛାଡ଼ି ସ୍ଥାନ ଛାଡ଼ି ଚାଲିଯିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଅଧିକ ତଦନ୍ତ କାଳରେ, ଅଭିଯୁକ୍ତମାନେ ୟୁନିଟ୍-୪ ସ୍ଥିତ ନିର୍ମାଣ କାର୍ଯ୍ୟସ୍ଥଳରେ ଥିବା ନେଇ ବିଶ୍ୱସନୀୟ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରି ନିମ୍ନୋକ୍ତ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଆଜି ଧରିବାରେ ସକ୍ଷମ ହୋଇଥିଲା । ପଚରାଉଚରା ବେଳେ ସମସ୍ତ ଅଭିଯୁକ୍ତ ଉପରୋକ୍ତ ମାମଲାରେ ନିଜର ପ୍ରତ୍ୟକ୍ଷ ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ପିଲାଙ୍କ ଝଗଡାରୁ ଗୋଷ୍ଠୀ ସଂଘର୍ଷ: ୪ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର): ଭରତପୁର ୟୁନିଟ୍-୫ ଅଞ୍ଚଳରେ ଛୋଟ ପିଲାଙ୍କ ଝଗଡ଼ାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସାଂଘାତିକ ଗଣ୍ଡଗୋଳ ଏବଂ ଖଣ୍ଡା ଓ କଟୁରୀରେ ପରସ୍ପରକୁ ଆକ୍ରମଣ ଘଟଣାରେ ଭରତପୁର ଥାନା ପୋଲିସ ଉଭୟ ଗୋଷ୍ଠୀର ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ଖଣ୍ଡା ଓ କଟୁରୀକୁ ମଧ୍ୟ ଜବତ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୪.୦୫.୨୦୨୬ ତାରିଖରେ ଛୋଟ ପିଲାଙ୍କ ଖେଳକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା, ଯାହା ପୋଲିସ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ମାତ୍ର ଏହି ଶତ୍ରୁତା ମନରେ ରଖି ଉଭୟ ପକ୍ଷ ଗତକାଲି ତା ୨୬.୧୦.୨୦୨୬ ପୁଣିଥରେ ମୁହାଁମୁହିଁ ହୋଇଥିଲେ ଏବଂ ଥାନାରେ ପାଲଟା ଏତଲା ଦେଇଥିଲେ। ଅଭିଜିତ୍ ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୯.୧୦.୨୦୨୬ ତାରିଖରେ ତାଙ୍କ ଭାଉଜ ଆଇଜିକେସି ହସ୍ପିଟାଲରୁ ଡ୍ୟୁଟି ସାରି ଫେରୁଥିବା ବେଳେ ଅଭିଯୁକ୍ତ ବାପୁଲ ଏବଂ ତା'ର ସହଯୋଗୀମାନେ ତାଙ୍କୁ ରାସ୍ତାରେ ଅଟକାଇ ଅସଦାଚରଣ କରିବା ସହ ମୋବାଇଲ୍ ଓ ଗାଡ଼ି ଚାବି ଛଡ଼ାଇ ନେଇଥିଲେ। ପରେ ଗତକାଲି ୨୬ ତାରିଖ ଅପରାହ୍ନ ପ୍ରାୟ ୪ ଟାରେ ମହାବୀର କ୍ଲବ ନିକଟରେ ଅଭିଯୁକ୍ତମାନେ ଅଭିଜିତଙ୍କୁ ଘେରିଯାଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଧନେଶ୍ୱର ଓ ବାପୁଲକୁ ଗିରଫ କରିଛି ଏବଂ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା ଜବତ କରିଛି। ଅନ୍ୟପକ୍ଷରେ, ବିଚିତ୍ର ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଗତକାଲି ୨୬ ତାରିଖ ମହାବୀର କ୍ଲବରେ ଏକ ସମାଧାନ ବୈଠକ ପରେ ସେ ଘରକୁ ଫେରିଥିଲେ। ଅପରାହ୍ନ ପ୍ରାୟ ୪ ଟାରେ ଅଭିଜିତ୍ ପଣ୍ଡା ଏବଂ ଜଗା ଦାଶ ଅନ୍ୟମାନଙ୍କ ସହ ଖଣ୍ଡା ଓ କଟୁରୀ ଧରି ତାଙ୍କ ଘରେ ପଶିଥିଲେ। ଅଭିଜିତ୍ ତାଙ୍କୁ ଏକ କଟୁରୀରେ ହାଣି ଦେଇଥିଲା, ଯାହାଫଳରେ ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଅଭିଜିତ୍ ଓ ଜଗା ଦାଶକୁ ଗିରଫ କରିଛି ଏବଂ ଅଭିଜିତ ଠାରୁ ଆକ୍ରମଣରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଆଜି ତା ୨୭.୧୦.୨୦୨୬ ପୋଲିସ ଉଭୟ ପକ୍ଷର ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରି କୋର୍ଟ ଚାଲାଣ କରିଛି।

## ଲୁହା ପାଇପ ଓ ବ୍ୟାଟେରୀ ଚୋରି, ୨ ଧରାପଡିଲେ

ଭୁବନେଶ୍ୱର(ନି.ପ୍ର): ଲୁହା ପାଇପ ଓ ବ୍ୟାକେଟରୀ ଚୋରି କରୁଥିବା ବେଳେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛଇ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମନୋଜ ସାହୁ ଓରଫ ମନୁ ଓ ଆଧାର କୁମାର ଗିରି ଓରଫ ପଞ୍ଚୁ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସୁନିଲ ମାଝୀ ବଡଗଡ ଥାନା ଅନ୍ତର୍ଗତ ଆଶୁତୋଷ ନଗର ଅଞ୍ଚଳରେ ରୁହନ୍ତି । ଗତ କିଛିଦିନ ତଳେ ସେହି ଅଞ୍ଚଳରୁ ଲୁହ ପାଇପ, ୱେଲ୍ଡିଂ ମେସିନ ଏବଂ ଏକ ଟାଟା ଏସି ଗାଡ଼ିରୁ ବ୍ୟାଟେରୀ ଚୋରୀ ହୋଇଥିଲା । ଗତକାଲି ଅପରାହ୍ନ ପ୍ରାୟ ୪ଟା ସମୟରେ ଦୁଇ ଅଭିଯୁକ୍ତ ମନୁ ଓ ପଞ୍ଚୁ ସେହି ଅଞ୍ଚଳରୁ ଲୁହା ପାଇପ ଏବଂ ଏକ ଗାଡି ବ୍ୟାଟେରୀ ଚୋରୀ କରୁଥିବା ବେଳେ ଅଭିଯୋଗକାରୀ ସେମାନଙ୍କୁ ଦେଖିନେଇ ପିସିଆର କୁ ସୂଚନା ଦେଇଥିଲେ । ସୂଚନାପାଇ ପିସିଆର ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିବା ସହ ଅଭିଯୋଗକାରୀଙ୍କ ସହିତ ମିଶି ଦୁଇ ଅଭିଯୁକ୍ତଙ୍କୁ କାବୁ କରିନେଇ ଥାନାକୁ ଆଣିଥିଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉଭୟଙ୍କ ହେପାଜତରୁ ଚୋରା ବ୍ୟାଟେରୀ ଜବତ କରିଥିଲେ ଥିଲେ । ଅଧିକ ପଚରାଉଚରାରୁ, ଉଭୟ ନିଜର ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ଲାଗି ପୂର୍ବରୁ ଆଶୁତୋଷ ଅଞ୍ଚଳରୁ ଲୁହା ପାଇପ ଏବଂ ବ୍ୟାଟେରୀ ଚୋରୀ କରି ସେଗୁଡିକୁ ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ, ଉଭୟ ପେଷାଦାର ଅପରାଧୀ ଥିବା ଜଣାପଡ଼ିଥିଲା । ଅଭିଯୁକ୍ତ ମନୁ ନାମରେ ପୂର୍ବରୁ ଶହୀଦନଗର ଥାନାରେ ୯ଟି ଓ ବଡଗଡ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ, ପଞ୍ଚୁ ନାମରେ ବଡଗଡ ଥାନାରେ ୪ଟି ଅପରାଧିକ ମାମଲା ରହିଛି।

## ଜୁଆ ଆଡ୍ଡାରେ ଚଢ଼ାଉ: ୮୪ହଜାର ଜବତ, ୨୭ଗିରଫ

ଆସିକା(ନିପ୍ର): ଆସିକା ଥାନା ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସର ଚଢ଼ାଉ କରି ନଗଦ ୮୪ ହଜାର ଟଙ୍କା ଜବତ ସହ ୨୭ ଜଣଙ୍କୁ ଗିରଫ କରିଛି ପୋଲିସ। ପ୍ରକାଶ ଥାଉକି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରିଛି। ଆସିକା ଥାନା ଖଡଭାଗର ଦୁଇଟି ସ୍ଥାନରେ ଚଢ଼ାଉ କରି ମୋଟ ୧୨ଜଣଙ୍କୁ ଗିରଫ କରିବା ସହ ନଗଦ ୧୭ହଜାର ଟଙ୍କା ଜବତ କରିଛି। ସେହିପରି କାଳଷଣ୍ଢପୁରରେ ଚଢ଼ାଉ କରି ମୋଟ ୫ଜଣଙ୍କୁ ଗିରଫ କରିବା ସହ ନଗଦ ୩୦ ହଜାର ଜବତ କରିଛି। ଅନୁରୂପ କମାଗଡ଼ ଗ୍ରାମର ଦୁଇଟି ସ୍ଥାନରେ ଚଢ଼ାଉ କରି ୧୦ଜଣଙ୍କୁ ଗିରଫ କରିବା ସହ ୩୭ହଜାର ଟଙ୍କା ଜବତ କରିଛି।

## ଷଣ୍ଢ ଆକ୍ରମଣରେ ଏମ୍‌ବିଏ ଛାତ୍ର ଗୁରୁତର

ସାଲେପୁର(ନିପ୍ର): ସାଲେପୁର ବ୍ଲକ ରାଟିଲୋ ଗ୍ରାମରେ ବୁଲା ଷଣ୍ଢ ଆକ୍ରମଣରେ ଜଣେ ଏମ୍‌ବିଏ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ର ଜଣକ ହେଲେ ଗ୍ରାମର ବିକାଶ ଚନ୍ଦ୍ର ସେଠୀ। ସୂଚନା ଅନୁଯାୟୀ, ବିକାଶ ନିଜ ଘର ନିକଟ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ଏକ ବୁଲା ଷଣ୍ଢ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ବୁଲା ଷଣ୍ଢ ପୂର୍ବରୁ ମଧ୍ୟ କେତେକ ଲୋକଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ଅଞ୍ଚଳରେ ବୁଲା ଷଣ୍ଢଙ୍କ ଉପଦ୍ରବକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

## ଗଜଲକ୍ଷ୍ମୀ ପୂଜା ଦେଖି ଫେରୁଥିବା ବେଳେ ଦୁର୍ଘଟଣା ; ୨ ମୃତ, ଜଣେ ଗୁରୁତର

କାମାକ୍ଷାନଗର: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ମୁକ୍ତାପଶି ମେଡିକାଲ ଛକରେ ମର୍ମନ୍ତୁଦ ଦୁର୍ଘଟଣା। ଅଜଣା ଗାଡି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ କାମାକ୍ଷାନଗର ଥାନା ପଥରଖମ୍ବ ଗ୍ରାମ ଶାନ୍ତିନଗର ସାହିର ଅଜିତ ନାଏକ ଓ ଅନିଲ ନାଏକ। ସେହି ଗାଁର ସୁମନ୍ତ ନାଏକ ଏହି ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ତିନି ଜଣ ଗୋଟିଏ ବାଇକ୍‌ରେ ଲକ୍ଷ୍ମୀପୂଜା ଦେଖି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ ମୁକ୍ତାପଶି ମେଡିକାଲ ଛକ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣାରେ ଅଜିତ ଓ ଅନିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ସୁମନ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇ ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ କାମାକ୍ଷାନଗର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ରେଳଧାରଣାରେ ଆତ୍ମହତ୍ୟା ଘଟଣା ଫାଣ୍ଡି ଅଧିକାରୀଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା

ପୁରୀ/କୃଷ୍ଣପ୍ରସାଦ: କୃଷ୍ଣପ୍ରସାଦ ଥାନା ଅଧୀନ ଗୁରୁବାଇ ନୂଆସାହି ଗ୍ରାମର ଚିଙ୍ଗୁଡ଼ି ବେପାରୀ ପଞ୍ଚାନନ ସିଠଙ୍କ ମୃତ୍ୟୁକୁ ନେଇ ତନାଘନା ଆରମ୍ଭ କରିଛି ପୁଲିସ । ମାମଲାର ତଦନ୍ତକାରୀ ଅଧିକାରୀ ତଥା ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ ସୋମବାର ଅପରାହ୍ଣରେ ପଞ୍ଚାନନଙ୍କ ଘରେ ପହଞ୍ଚି ପତ୍ନୀ ନମିତା ସିଠଙ୍କଠାରୁ ଟିକିନିଖି ବୁଝିଛନ୍ତି। ମୃତ୍ୟୁ ପୂର୍ବରୁ ପଞ୍ଚାନନ କେଉଁ ପରିସ୍ଥିତିରେ ଥିଲେ, ତାଙ୍କୁ କେଉଁମାନେ ଚାପ ପକାଉଥିଲେ ଏମିତି ଅନେକ ପ୍ରଶ୍ନ ପଚାରିଛି ପୁଲିସ । ଅନ୍ୟପକ୍ଷରେ ସୁଇସାଇଡ୍ ନୋଟ୍‌କୁ ପୁଲିସ୍ ଜବତ କରିଛି । ଏହାକୁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯିବ । କୃଷ୍ଣପ୍ରସାଦ ଥାନା ଅଧୀନ ନୂଆପଡ଼ା ଫାଣ୍ଡିର ପୂର୍ବତନ ଅଧିକାରୀ ମନୋରଞ୍ଜନ ଦାଶ, ମହାଜନ ନଟବଣିଆର ଦିଲ୍ଲୀପ ପଲେଇ, ନୂଆପଡ଼ାର ନଳିନୀ ଜେନା, ଗେଣ୍ଡୁ ପ୍ରଧାନ, ତିତିପର ଅଶୋକ ଜେନା ଓ ଗୋମୁଣ୍ଡିଆର ଟୁଲିଆ ନାୟକଙ୍କ ପ୍ରରୋଚନା ବା ଚାପରେ ପଞ୍ଚାନନ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ନେଇ ବିଏନଏସ୍ ଧାରା ୧୦୮ ଓ ୩(୫) ରେ ମାମଲା ରୁଜୁ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି ।

## ଗାଡି ଭଡା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଗାଡି ଭଡା ନାଁରେ ଠକେଇ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆଦର୍ଶ ମହିମା ଆଚାର୍ଯ୍ୟ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଗୌରବ ମହାରଣା, ପରିବାର ସହ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୭ ର ପ୍ଲଟ ନମ୍ବର-ଏ/୧ ରେ ରୁହନ୍ତି। ସମ୍ପୃକ୍ତ ମାରୁତି ସୁଜୁକି ସ୍ୱିଫ୍ଟ କାରଟି ତାଙ୍କ ବାପା ରବୀନ୍ଦ୍ର ମହାରଣାଙ୍କ ନାମରେ ପଞ୍ଜୀକୃତ ଥିଲା । ଅଭିଯୁକ୍ତ ଆଦର୍ଶ ମହିମା ଆଚାର୍ଯ୍ୟ ଗତ ଏକବର୍ଷ ଧରି ରବୀନ୍ଦ୍ର ମହାରଣାଙ୍କ ଘରର ଉପର ମହଲାରେ ଭଡ଼ା ସୂତ୍ରରେ ରହୁଥିଲେ । ଘର ମାଲିକଙ୍କ କାରଟି ଅଧିକାଂଶ ସମୟରେ ବ୍ୟବହାର ନହୋଇ ପଡ଼ି ରହୁଥିବା ଦେଖି ଅଭିଯୁକ୍ତ ଏହାକୁ ମାସିକ ଭଡ଼ାରେ ନେବାକୁ ପ୍ରସ୍ତାବ ଦେଇଥିଲେ । ପ୍ରତିଦିନ ୧,୩୦୦ ଟଙ୍କା ଦେବାକୁ କହିବାରୁ ଗାଡ଼ି ମାଲିକ ଏଥିରେ ରାଜି ହୋଇଥିଲେ। କିନ୍ତୁ ଗାଡ଼ିଟିକୁ ନେବା ପରେ ଅଭିଯୁକ୍ତ ଏହାକୁ ଭଡ଼ାରେ ଚଳାଇବା ପରିବର୍ତ୍ତେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଦୁର୍ଗାବଜାର କଲୋନୀରେ ରହୁଥିବା ନିଶାମଣି ପଟ୍ଟନାୟକଙ୍କ ପୁଅ ବନୋଜ କୁମାର ପଟ୍ଟନାୟକଙ୍କୁ ୩ ଲକ୍ଷ ୭୦ ହଜାର ଟଙ୍କାରେ ବେଆଇନ ଭାବେ ବିକ୍ରି କରିଦେଇଥିଲେ । ଏହି ବିକ୍ରି ସମ୍ପର୍କିତ ଚୁକ୍ତିପତ୍ରରେ ଗାଡ଼ିର ମୂଳ ମାଲିକ ରବୀନ୍ଦ୍ର ମହାରଣାଙ୍କ ଦସ୍ତଖତ କିମ୍ବା ସମ୍ମତି ନଥିଲା । ତଥାପି ଅଭିଯୁକ୍ତ ଅନଧିକୃତ ଭାବେ ଗାଡ଼ିଟିକୁ ବିକ୍ରି କରି ଏହାର ଟଙ୍କା ନିଜେ ହଡପ କରି ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଓଲ୍ଡ ଟାଉନ ସ୍ଥିତ କୁଞ୍ଜପାଟଣା ସାହିରେ ରହୁଥିବା ସୀତାକାନ୍ତ ସାମଲଙ୍କ ପୁଅ ପ୍ରିୟକାନ୍ତ ସାମଲ ଉକ୍ତ ଗାଡ଼ିଟିକୁ ବନୋଜ କୁମାର ପଟ୍ଟନାୟକଙ୍କଠାରୁ କିଣିଥିଲେ। ପରେ ସେ ଏହାକୁ ବିଶ୍ୱରଞ୍ଜନ ମିଶ୍ରଙ୍କୁ ବିକ୍ରି କରିବାକୁ ଉଦ୍ୟମ କରୁଥିବା ସମୟରେ ଗାଡ଼ିଟି ପୋଲିସ ନଜରକୁ ଆସିଥିଲା । ତଦନ୍ତ ବେଳେ ଗାଡ଼ିଟି ଭୁବନେଶ୍ୱର ଓଲ୍ଡ ଟାଉନସ୍ଥିତ ଲିଙ୍ଗରାଜ ମୋଟର୍ସରେ ଥିବା ଜଣାପଡ଼ିଥିଲା । ପୋଲିସ ଲିଙ୍ଗରାଜ ମୋଟର୍ସର ମାଲିକ ପ୍ରିୟକାନ୍ତ ସାମଲଙ୍କଠାରୁ ଉକ୍ତ ସ୍ୱିଫ୍ଟ କାରଟିକୁ ଜବତ କରିଥିଲେ। ଏହାସହ ଅଭିଯୁକ୍ତ ଆଦର୍ଶ ମହିମା ଆଚାର୍ଯ୍ୟ ଓ ବନୋଜ କୁମାର ପଟ୍ଟନାୟକଙ୍କ ମଧ୍ୟରେ ହୋଇଥିବା ବିକ୍ରି ଚୁକ୍ତିପତ୍ରକୁ ମଧ୍ୟ ପୋଲିସ ଜବତ କରିଥିଲା । ଏହି ଚୁକ୍ତିପତ୍ରରେ ମୂଳ ଗାଡ଼ି ମାଲିକଙ୍କ ଦସ୍ତଖତ କିମ୍ବା ସମ୍ମତି ନଥିବାରୁ ଅଭିଯୁକ୍ତ ଜାଲ୍ କାଗଜପତ୍ର ପ୍ରସ୍ତୁତ ପୂର୍ବକ ଗାଡ଼ିଟିକୁ ବେଆଇନ ଭାବେ ବିକ୍ରି କରି ଗାଡ଼ି ମାଲିକଙ୍କୁ ଠକେଇ କରିଥିବା ଘଟଣା ତଦନ୍ତରୁ ଜଣାପଡିଛି ।

## ୪୫୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଜବତ: ଜଣେ କୋର୍ଟ ଚାଲାଣ

ଭାପୁର(ନିପ୍ର): ଫତେଗଡ଼ ଥାନା ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଖଣ୍ଡପଡା ଅବକାରୀ ବିଭାଗ ଚଢାଉ କରି ୪୫୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଏବଂ ଏକ ସ୍କୁଟି ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖଣ୍ଡପଡା ଅବକାରୀ ଇନ୍ସପେକ୍ଟର ସତ୍ୟପ୍ରିୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଗୋବର୍ଦ୍ଧନପ୍ରସାଦ ଗ୍ରାମରେ ଚଢ଼ାଉ କରି ଗାଁ ମୁଣ୍ଡରେ ରହୁଥିବା ଗୁରୁବାରୀ ସାହୁଙ୍କୁ ଗିରଫ କରିଥିଲେ। ସେ ତାଙ୍କର ଓଡି୦୨ବିଏସ-୪୮୬୨ ନମ୍ବର ସ୍କୁଟିରେ ଦୁଇ ବସ୍ତା ଦେଶୀ ମଦ ପାଉଚ ନେବା ସମୟରେ ଅବକାରୀ ଟିମ ମାଡି ବସିଥିଲେ। ତାଙ୍କୁ ପଚରାଉଚରା ସମୟରେ ଏକ ଆମ୍ବ ଗଛ ନିକଟରେ ଲୁଚାଇ ରଖିଥିବା ଆଉ ସାତ ବସ୍ତା ଦେଶୀ ମଦ ଜବତ କରିଥିଲେ। ସମସ୍ତ ନଅ ବସ୍ତାରେ ମୋଟ ୪୫୦ ଲିଟର ଦେଶୀ ମଦ ରହିଥିବା ଜଣାପଡିଛି। ଅବକାରୀ ଥାନାରେ ୨୬୭/୨୦୨୬ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇ

## ପୋଖରୀକୁ ଖସିଲା କାର୍, ଅଳ୍ପକେ ବର୍ତ୍ତିଲେ ଦୁଇ ଯାତ୍ରୀ



ସାଲେପୁର(ନିପ୍ର): ସାଲେପୁର ବ୍ଲକ ଅନ୍ତର୍ଗତ ଖରାଖିଆ-ସୌରୀ କେନାଲ ବନ୍ଧ ରାସ୍ତାରେ କାରରେ ଯାଉଥିବା ବେଳେ ନାନ୍ଦୋଳ ଗ୍ରାମ ନିକଟରେ ବାଇକକୁ ସାଇଡ ଦେଇ ପୋଖରୀକୁ ଖସିଲା କାର୍। ସୂଚନା ଅନୁଯାୟୀ ଖରାଖିଆ-ସୌରୀ ରାସ୍ତାରେ ଏକ କାର ଯାଉଥିବା ବେଳେ ନାନ୍ଦୋଳ ନିକଟରେ ଏକ ବାଇକ୍‌କୁ ସାଇଡ୍ ଦେବାକୁ ଯାଇ ଚାଳକ ଭାରସାମ୍ୟ ହରାଇ କାରଟି ରାସ୍ତା ପାର୍ଶ୍ୱରେ ଥିବା ପୋଖରୀ ଭିତରକୁ ଖସିପଡ଼ିଥିଲା। ପୋଖରୀକୁ କାର ଖସିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି କାରରେ ଥିବା ଦୁଇଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିବା ବେଳେ ଦୁଇଜଣଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଯାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ କାରରେ ଥିବା ଦୁଇ ଜଣ ସାଲେପୁର ବ୍ଲକର ଓଡ଼ାସିଂହ ପଞ୍ଚାୟତ ତିଳିଦା ଅଞ୍ଚଳର ବୋଲି ସୂଚନା ମିଳିଛି।

### ଆଠଗଡ଼ରେ ବେଆଇନ ଖଣି ଖନନ ଉପରେ ଉପଜିଲ୍ଲାପାଳଙ୍କ କଡ଼ା ପ୍ରହାର

## ୮ ହାଇୱା, ୫ ଜେସିବି ସମେତ ଯନ୍ତ୍ରପାତି ଜବତ

ଟିଗିରିଆ(ନିପ୍ର): ଆଠଗଡ଼ ଉପଖଣ୍ଡରେ ବେଆଇନ ଖଣି ଖନନ ଓ ଖଣିଜ ପଦାର୍ଥର ଅବୈଧ ପରିବହନ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏକ ବ୍ୟାପକ ଚଢ଼ାଉ ଅଭିଯାନ କରାଯାଇଛି। ଆଠଗଡ଼ ଓ ଟିଗିରିଆ ତହସିଲ ଅଞ୍ଚଳରେ ହୋଇଥିବା ଏହି ଅଭିଯାନରେ ମୋଟ ୮ଟି ହାଇୱା, ୫ଟି ଜେସିବି, ଗୋଟିଏ ଡ୍ରିଲିଂ ମେସିନ୍ ଏବଂ ଗୋଟିଏ ଡିଜି ସେଟ୍ ଜବତ କରାଯାଇଛି। ଏହି ଅଭିଯାନରେ ଟିଗିରିଆ ତହସିଲ ଅନ୍ତର୍ଗତ ଭେଜିଆ ଅଞ୍ଚଳରେ ଥିବା ବେଆଇନ ଖଣି ଖନନ ସ୍ଥଳ ନିକଟରେ ଚଢ଼ାଉ କରାଯାଇ କଳାପଥର ବୋଲ୍ଡର ପରିବହନରେ ନିୟୋଜିତ ୫ଟି ହାଇୱା ଓ ଖଣି ଖନନ କାର୍ଯ୍ୟରେ ବ୍ୟବହୃତ ୫ଟି ଜେସିବି ଜବତ କରାଯାଇଥିଲା। ଏଥିସହ



ହାଇୱାରେ ଲୋଡ୍ ହୋଇଥିବା ଗୋଟିଏ ଡ୍ରିଲିଂ ମେସିନ୍ ଓ ଗୋଟିଏ ଡିଜି ସେଟ୍ ମଧ୍ୟ ଜବତ କରାଯାଇଥିଲା। ସେହିପରି ଆଠଗଡ଼ ତହସିଲ ଅଞ୍ଚଳରେ ଯାଞ୍ଚ ସମୟରେ ବୈଧ ଟ୍ରାନ୍‌ଜିଟ୍ ପାସ୍ (ଟିପି) ବିନା ବାଲି ପରିବହନ କରୁଥିବା ଗୋଟିଏ ହାଇୱା ଏବଂ ନିର୍ଦ୍ଧାରିତ ସୀମାଠାରୁ ଅଧିକ ପରିମାଣର ପଥର ଚିପ୍ସ ପରିବହନ କରୁଥିବା ଅନ୍ୟ ଦୁଇଟି ହାଇୱାକୁ ଜବତ କରାଯାଇଥିଲା। ଆଠଗଡ଼ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ଟିଗିରିଆ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ଟିଗିରିଆ ଥାନା ଅଧିକାରୀ (ଆଇଆଇସି) ଉପସ୍ଥିତ ରହି ଅଭିଯାନରେ ସହଯୋଗ କରିଥିଲେ। ବେଆଇନ ଖଣି ଖନନ ଓ ଖଣିଜ ପଦାର୍ଥର ଅବୈଧ ପରିବହନ ରୋକିବା ସହ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜବତ ହୋଇଥିବା ସମସ୍ତ ଗାଡ଼ି ଓ ଯନ୍ତ୍ରପାତିକୁ ସୁରକ୍ଷିତ ହେପାଜତ ପାଇଁ ଆଠଗଡ଼ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଆବଶ୍ୟକୀୟ ତଦନ୍ତ ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ଅଧିକାରୀଙ୍କୁ ଅବଗତ କରାଯାଇଛି। ଉପଖଣ୍ଡରେ ବେଆଇନ ଖଣି ଖନନ ଓ ଖଣିଜ ପରିବହନ ଉପରେ ନିୟନ୍ତ୍ରଣ ଆଣିବା ସହ ସରକାରୀ ରାଜସ୍ୱର ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ଯାଞ୍ଚ ଓ ଚଢ଼ାଉ ଅଭିଯାନକୁ ଗୁରୁତ୍ୱ ଦିଆଯାଉଛି।

### ଯୋଡ଼ା ସହରରେ ଗୋଠଛଡ଼ା ଦନ୍ତା ହାତୀର ଉପଦ୍ରବ

## ଘର ଓ ପାର୍କ ପାଚେରି ଭାଙ୍ଗିଲା: ଲୋକଙ୍କ ମଧ୍ୟରେ ଆତଙ୍କ

ଯୋଡା(ନିପ୍ର): ଯୋଡ଼ା ସହର ଭିତରକୁ ପଶିଲା ଗୋଠଛଡ଼ା ଦନ୍ତା ହାତୀ । ଗତ ରାତି ଏକ ଦନ୍ତାହାତୀ ସହରକୁ ପଶି ଆସିବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଦନ୍ତା ହାତୀଟି ପ୍ରଥମେ ବାଚୁ ହଟିଂ ନିକଟ ଦେଇ ସହର ମଧ୍ୟକୁ ପ୍ରବେଶ କରିଥିଲା। ପରେ ଅଞ୍ଚଳରେ ଉପଦ୍ରବ ଚଳାଇ ଏକ ଘରର ଗେଟ୍ ଏବଂ ପାଚେରି ଭାଙ୍ଗି ଦେଇଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ହାତୀ ପଶି ବ୍ୟାପକ ଉପଦ୍ରବ ଚଳାଇଥିବା ଦେଖିବାକୁ ମିଳିଛି। ରାତି ଅଧରେ ହାତୀଟି ସହରର ବିଭିନ୍ନ ୱାର୍ଡ ଓ ବସ୍ତି ଅଞ୍ଚଳରେ ଘୂରି ବୁଲି ଘରଦ୍ୱାର ଭାଙ୍ଗିବା ସହ ପାର୍କ ପାଚେରି ଭାଙ୍ଗି ଚାଲିଯାଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଭୟ ଓ ଆତଙ୍କ ଦେଖାଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ ୧୦ଟା ୪୦ ମିନିଟ୍‌ରେ ଦନ୍ତା ହାତୀଟି ଝରଣ ଜଙ୍ଗଲପଟୁ ଆସି ବାଚୁ ହଟିଂ ନିକଟସ୍ଥ ରେଳ ଧାରଣା ପାର୍ କରି ଜନବସତି ମଧ୍ୟକୁ ପଶି ଆସିଥିଲା। ସେଠାରେ ହାତୀଟି ପ୍ରଫୁଲ୍ଲ ନାଏକଙ୍କ ଦୁଇ ବଖରା ଘର ଭାଙ୍ଗି ଦେବା ସହ ଘରେ ମହଜୁଦ ଥିବା ଚାଉଳ ଖାଇ ନଷ୍ଟ କରିଥିଲା। ଏହାପରେ ପୀତାମ୍ବର ଲୋହାରାଙ୍କ ଏକ ଟିଣ ଘରକୁ ମଧ୍ୟ ଭାଙ୍ଗି ପକାଇଥିଲା। ପରେ ଦନ୍ତାଟି ଯୋଡ଼ା ମହିଳା ମହାବିଦ୍ୟାଳୟ ନିକଟ ଦେଇ ସୁନା ନଦୀ କୂଳେ କୂଳେ ଆମ୍ ବାଗାନ୍ ଅଞ୍ଚଳକୁ ଯାଇଥିଲା। ସେଠାରେ ପୌରପାଳିକାର ଏକ ପାର୍କର ମୁଖ୍ୟ ଫାଟକ ଓ ପାଚେରିର କିଛି ଅଂଶ ଭାଙ୍ଗି ବେଶ୍ କିଛି ସମୟ ଧରି



ଉତ୍ପାତ ଚଳାଇଥିଲା। ଜନବସତି ମଧ୍ୟରେ ହାତୀ ପଶିବା ଖବର ପାଇ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲି ଆସିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ସତର୍କ କରାଇବା ସହ ହାତୀଟିକୁ ଘଉଡ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପାଖାପାଖି ଦେଢ଼ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ହାତୀଟି ଆଜାଦ୍ ବସ୍ତି ପଛପାଖ ଦେଇ ଡିଏଭି ସ୍କୁଲ ହୋଇ ରଣାଶାଳ ଘାଟି ସିଦ୍ଧମଠ ଜଙ୍ଗଲକୁ ଚାଲିଯାଇଥିଲା। ତେବେ ଆଜି ସକାଳେ ଉକ୍ତ ଗୋଠଛଡ଼ା ଦନ୍ତାଟି ନିକଟସ୍ଥ ରୋଇଡ଼ା ସ୍ଥିତ ଓଏମସି (ଏଏମସି) ଖଣି ଅଞ୍ଚଳରେ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ଖଣି କାର୍ଯ୍ୟାଳୟ ନିକଟରେ କିଛି ସମୟ ବିତାଇବା ପରେ ହାତୀଟି ପୁଣି ଜଙ୍ଗଲ ଭିତରକୁ ପଳାଇଛି। ଏହି ଘଟଣା ପରେ ସମଗ୍ର ଯୋଡ଼ା ଏବଂ ରୋଇଡ଼ା ଅଞ୍ଚଳରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ କଡ଼ା ନଜର ରଖାଯାଇଛି ।

### ଦେବୀଗଡ଼ାରେ ଯୁବକଙ୍କୁ ମାଡ଼ ମାରିଲେ ଇନ୍ସପେକ୍ଟର

## ସୋସିଆଲ୍ ମିଡିଆରେ ତୀବ୍ର ପ୍ରତିକ୍ରିୟା: ଡିସିପିଙ୍କ ନିକଟରେ ଅଭିଯୋଗ

କଟକ: ଦଶହରା ଭସାଣି ବେଳେ ଦେବୀଗଡ଼ାରେ ଜଣେ ଦେଖଣାହାରୀ ଯୁବକଙ୍କୁ ବିଡ଼ାନାସୀ ଥାନା ଇନ୍ସପେକ୍ଟର ମାଡ଼ ମାରୁଥିବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଘଟଣାକୁ ନେଇ କିଛି ଲୋକ ଡିସିପିଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ୭ ସେକେଣ୍ଡର ଉକ୍ତ ଭିଡିଓଟି ଗତ ୨୨ ତାରିଖ ରାତିର । ଦେବୀଗଡ଼ା ପାଖରେ ମେଢ଼ ଆସୁଥିବା ବେଳେ ସେଠାରେ ବିଡ଼ାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟ ଡ୍ୟୁଟି କରୁଥାନ୍ତି । ସେ ଜଣେ ଯୁବକଙ୍କୁ କେଉଁ ମେଢ଼ ସହ ଆସିଛ ବୋଲି ପଚାରିଥିଲେ । ଆଉ ଯୁବକ କିଛି ଉତ୍ତର ଦେବା ଭିତରେ ଶ୍ରୀ ବଳବନ୍ତରାୟ ତାଙ୍କୁ ଏକ ଚାପୁଡ଼ା ମାରି ସେଠାରୁ ଠେଲି ଠେଲି ପଛକୁ ନେଇ ଯାଇଥିଲେ । ସେ ସମୟର ଦୃଶ୍ୟକୁ କେହି ଦେଖଣାହାରୀ ରେକର୍ଡ କରିଥିଲେ । ଏହି ଭିଡିଓଟି ଭସାଣି ସରିବାର ପ୍ରାୟ ୩ ଦିନ ପରେ ସୋସିଆଲ୍ ମିଡିଆରେ ଜୋରଦାର ଭାଇରାଲ୍ ହେଉଛି । କଟକର ଶହଶହ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ୟୁଜର୍ସ ଏହାକୁ ପୋଷ୍ଟ କରି ସର୍ବସାଧାରଣ ସ୍ଥାନରେ ଜଣେ ଯୁବକଙ୍କୁ ପୁଲିସର ଏପରି ଅମାନବିକ ବ୍ୟବହାର ଓ ମାଡ଼ର ଯଥାର୍ଥତା ନେଇ ପ୍ରଶ୍ନ ଉଠାଇଛନ୍ତି। ଯୁବକ ଜଣକ ଅପରାଧୀ ନୁହଁ, ଜଣେ ଦେଖଣାହାରୀ । ତାଙ୍କ ପ୍ରତି ପୁଲିସ ଏଭଳି ବ୍ୟବହାର କରିବା ଉଚିତ ନୁହେଁ ବୋଲି ଅନେକ କମେଣ୍ଟରେ ମତ ଦେଉଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ପୀଡ଼ିତ ଯୁବକଙ୍କ କିଛି ସମ୍ପର୍କୀୟ ଓ କଟକ ସହରର କିଛି ଲୋକ ଡିସିପିଙ୍କୁ ଭେଟି ଅଭିଯୋଗ କରିଥିବା ସୂଚନା ମିଳିଛି । ଗଣେଶପୂଜା ସମୟରେ ମଧ୍ୟ ଏଭଳି କିଛି ଘଟଣା ଘଟିଥିଲା ବୋଲି ସେମାନେ ଡିସିପିଙ୍କୁ କହିଛନ୍ତି। ଏନେଇ ସଂପୃକ୍ତ ଇନିସ୍‌ପେକ୍ଟର ଏବଂ କଟକ ପୁଲିସର ଏକାଧିକ ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ପାଇବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ମତାମତ ମିଳିପାରିନି।




୫ ଦଫା ଦାବିରେ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପିଏମଜିଠାରେ ବିକ୍ଷୋଭ (ଫଟୋ- ଦିନଲିପି)



ରାଜଧାନୀରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା

## ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବାଙ୍କୀ, ୨୭।୧୦(ନିପ୍ର):** କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଅନନ୍ୟ ପରିଚୟ ବହନ କରୁଥିବା ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୀରାରାଣୀ ଶୁକଦେଈଙ୍କ ଅଦମ୍ୟ ସାହସ, ବୀରତ୍ୱ ଓ ଉଦାର କ୍ଷମାଶୀଳତାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେ କହିଥିଲେ ଯେ, ବାଙ୍କୀ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଙ୍କୀ ନିର୍ବାଚନମଣ୍ଡଳୀର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା। ଏଭଳି ମହୋତ୍ସବ ଆମ ମାଟିର ଗୌରବମୟ ପରମ୍ପରାକୁ ଉଜ୍ଜୀବିତ କରିବା ସହ ନୂତନ ପିଢ଼ିକୁ ନିଜ ଇତିହାସ ଓ ସଂସ୍କୃତି ସହ ଯୋଡ଼ିବାରେ ସହାୟକ ହେଉଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ବାଙ୍କୀକୁ କଳା ଓ ସଂସ୍କୃତିର ଏକ ପବିତ୍ର ପୀଠ ଭାବେ ଅଭିହିତ କରିଥିଲେ। ବୀରାରାଣୀ ଶୁକଦେଈ ଏହି ମାଟିର ଗର୍ବ ଓ ଗୌରବ।



ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଅଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଉଛନ୍ତି

# ୱେଲିଂଟନରେ ଭାରତର ରନ୍ ବର୍ଷା

## ନ୍ୟୁଜିଲାଣ୍ଡକୁ ୬ ୱିକେଟରେ ହରାଇ ସିରିଜ କବଜା କଲା ଭାରତ

ନୂଆଦିଲ୍ଲୀ, ୨୭/୧୦: ୱେଲିଂଟନରେ ଟିମ୍ ଇଣ୍ଡିଆର ରନ୍ ବର୍ଷା । ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିର୍ଦ୍ଧୁମ ପିଟିଲେ ଭାରତୀୟ ବ୍ୟାଟର । ତୃତୀୟ ଟି-୨୦ ମୁକାବିଲାରେ ନ୍ୟୁଜିଲାଣ୍ଡକୁ ୬ ୱିକେଟରେ ପରାସ୍ତ କରିଛି ଭାରତ । ୧୯୯ ରନର ବିଶାଳ ଟାର୍ଗେଟକୁ ମାତ୍ର ୧୩.୨ ଓଭରରେ ହାସଲ କରି ଦମଦାର ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ । ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜକୁ ୩-୦ରେ କବଜା କରିଛି ଭାରତ । ଆଉ ନ୍ୟୁଜିଲାଣ୍ଡ ମାଟିରେ ଲଗାତାର ତୃତୀୟ ଟି-୨୦ ସିରିଜ୍ ଜିତି ନିଜ ଦବଦବା ଜାହିର କରିଛି । ଭାରତର ଏହି ଦମଦାର ବିଜୟର ନାୟକ ସାଜିଛନ୍ତି ଯୁବ ବ୍ୟାଟର ଅଭିଷେକ ଶର୍ମା । ମାତ୍ର ୩୮ ବଲରେ ୧୧୩ ରନର ବିସ୍ଫୋରକ ଇନିଂସ ଖେଳି ନ୍ୟୁଜିଲାଣ୍ଡ ବୋଲରଙ୍କ ନିଦ ହଜାଇ ଦେଇଛନ୍ତି ଅଭିଷେକ । ମାତ୍ର ୧୫ ବଲରେ ଅର୍ଦ୍ଧଶତକ ଏବଂ ୩୫ ବଲରେ ଶତକ ପୂରଣ କରି ଟି-୨୦ କ୍ରିକେଟରେ ନିଜ ଦମ୍ ଦେଖାଇଛନ୍ତି । ଅନ୍ୟପଟେ ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୧୯ ବଲରେ ୪୫ ରନର ଧୂଆଁଧାର ପାଳି ଖେଳି ଭାରତକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ । ଭାରତୀୟ ବ୍ୟାଟରଙ୍କ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ମାତ୍ର ୫ ଓଭର ମଧ୍ୟରେ ଦଳର ସ୍କୋର ୧୦୦ ରନ୍ ଅତିକ୍ରମ କରିଥିଲା । ପାୱାରପ୍ଲେର ୬ ଓଭରରେ ଭାରତ ୧୧୮ ରନ୍ ସଂଗ୍ରହ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲା । ଏହାପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୮ ରନ୍ କରିଥିଲା । ଡାରିଲ ମିଚେଲ ୫୨ ବଲରେ ଅପରାଜିତ ୮୯ ରନ୍ କରିଥିବା ବେଳେ ଫିନ୍ ଆଲେନ୍ ୪୦ ଏବଂ ବେଭନ୍ ଜାକବ୍ସ ଅପରାଜିତ ୩୯ ରନ୍ କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ନୀତୀଶ କୁମାର ରେଡ୍ଡୀ ଓ ଅକ୍ଷର ପଟେଲଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା । ତେବେ ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ଫିକା ପଡ଼ିଥିଲା ନ୍ୟୁଜିଲାଣ୍ଡର ସମସ୍ତ ରଣନୀତି ।



## କୋଟିଆ ବିବାଦରେ ନବୀନଙ୍କୁ ଜବାବ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭/୧୦(ନିପ୍ର): କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୧୯ତାରିଖରେ ନବୀନ ଦୁଇପୃଷ୍ଠାର ଚିଠି ଲେଖି କୋଟିଆ ବିବାଦରେ ଯେଉଁ ରାଜନୀତିକ ଗୋଟିଚାଳନା କରିଥିଲେ ଆଜି ତା'ର ପାଲଟା ଜବାବ ଦେଇ ଏଭଳି ସମ୍ବେଦନଶୀଳ ଆନ୍ତଃରାଜ୍ୟ ପ୍ରସଙ୍ଗରେ ରାଜନୀତିକ ଫାଇଦା ଖୋଜିବା ବଦଳରେ ସମସ୍ତେ ସଂଯମତା ଅବଲମ୍ବନ କରି ଆଇନଗତ ଓ ସାମ୍ବିଧାନିକ ମାର୍ଗରେ ସମାଧାନ ପାଇଁ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି। କୋଟିଆ ବିବାଦ ପ୍ରସଙ୍ଗରେ ଚଳିତମାସ ୧୯ ତାରିଖରେ ନବୀନ ଦେଇଥିବା ଚିଠିର ଜବାବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ଦିନରୁ କୋଟିଆ ଗ୍ରାମପୁଞ୍ଜ ଆମ ରାଜ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ରାଜ୍ୟର ସାର୍ବଭୌମତ୍ୱ, ଭୌଗୋଳିକ ଅଖଣ୍ଡତା ଓ ନ୍ୟାୟସଙ୍ଗତ ସ୍ୱାର୍ଥ ରକ୍ଷା ପାଇଁ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କୌଣସି ଠୋସ୍ ଆଇନଗତ କିମ୍ବା ବାସ୍ତବବାଦୀ ସମାଧାନ ଦିଗରେ ନନେଇ କେବଳ ରାଜନୈତିକ ଦୃଷ୍ଟିକୋଣରୁ ଉପସ୍ଥାପନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ କ୍ଷୋଭ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସରକାର ସବୁବେଳେ ଆଇନଗତ ତଥା ସାମ୍ବିଧାନିକ ଉପାୟରେ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ ରଖିବା ସହିତ କୋଟିଆ ଅଂଚଳର ସାମଗ୍ରିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛନ୍ତି।

## ବାତ୍ୟା 'ଅର୍ଣ୍ଣବ': ୨୨ଟ୍ରେନ୍ ବାତିଲ୍, ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର, ୨୭/୧୦(ପିଆଇବି):** ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ କରାଯାଇଛି । ଅକ୍ଟୋବର ୨୭ରୁ ନଭେମ୍ବର ୫ ମଧ୍ୟରେ ୨୨ଟି ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ୍ ବାତିଲ୍ କରାଯାଇଛି । ବେଳେ ହୀରାଖଣ୍ଡ ଏକ୍ସପ୍ରେସ୍‌ର ଚଳାଚଳ ମଧ୍ୟ ଆଂଶିକ ଭାବେ ପ୍ରଭାବିତ ହେବ । ଏହାଦ୍ୱାରା ବିଶାଖାପାଟଣା, କିରଣ୍ଡୁଲ, ଜଗଦଲପୁର, ରାୟଗଡ଼ା, ଭୁବନେଶ୍ୱର ଓ ସମ୍ବଲପୁର ସମେତ ବିଭିନ୍ନ ରୁଟ୍‌ର ଯାତ୍ରୀ ପ୍ରଭାବିତ ହେବେ । ଏପଟେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ମୁକାବିଲା କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ଏହି ବାତ୍ୟା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ରାୟଗଡ଼ା ରେଳ ମଣ୍ଡଳ ଅଧୀନରେ ଥିବା ରେଳପଥର କେତେକ ଅଞ୍ଚଳ ଅଧିକ ବିପଦପ୍ରବଣ ରହିଛି ।

## ଏମସିଏଲରେ ଇ-ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ




**ସମ୍ବଲପୁର, ୨୭/୧୦(ନିପ୍ର):** କେନ୍ଦ୍ର ସରକାରଙ୍କ 'ସ୍ୱତନ୍ତ୍ର ଅଭିଯାନ-୬' ଅଧୀନରେ ମହାନଦୀ କୋଇଲାଫିଲ୍ଡସ୍ ଲିମିଟେଡ୍ ମୁଖ୍ୟାଳୟରେ ଇ-ବର୍ଜ୍ୟବସ୍ତୁ ପରିଚାଳନା ଓ ସଚେତନତା ନେଇ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି । ଇଲେକ୍ଟ୍ରୋନିକ୍ସ ଆବର୍ଜନାର ଦାୟିତ୍ୱପୂର୍ଣ୍ଣ ଓ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଏମ୍‌ସିଏଲ୍‌ର ମାନବ ସମ୍ବଳ ନିର୍ଦ୍ଦେଶକ ରେଖା ପାଣ୍ଡେ କର୍ମଚାରୀମାନଙ୍କୁ ପରିବେଶ ଅନୁକୂଳ ଆଚରଣ ଗ୍ରହଣ କରିବା ସହ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବାକୁ ପ୍ରୋତ୍ସାହିତ କରିଥିଲେ । ନାଟକ ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଉପକରଣଗୁଡ଼ିକର "କମ୍ ବ୍ୟବହାର, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ" ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅକ୍ଟୋବର ୨ରୁ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଅନୁପଯୋଗୀ ବୈଦ୍ୟୁତିକ ସାମଗ୍ରୀକୁ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରରେ ନିଷ୍କାସନ କରିବାକୁ ବାର୍ତ୍ତା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସିଭିଲ/ସିଏସ୍‌ଆର୍ ମହାପ୍ରବନ୍ଧକଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

### ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ...

## ପୂର୍ବତଟ ରେଳପଥର ବ୍ୟାପକ ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର, ୨୭/୧୦(ପିଆଇବି): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବକୁ ମୁକାବିଲା କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ଏହି ବାତ୍ୟା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ରାୟଗଡ଼ା ରେଳ ମଣ୍ଡଳ ଅଧୀନରେ ଥିବା ରେଳପଥର କେତେକ ଅଞ୍ଚଳ ଅଧିକ ବିପଦପ୍ରବଣ ରହିଛି। ଭୁବନେଶ୍ୱରସ୍ଥିତ ରେଳ ସଦନରେ ଏକ ଯୁଦ୍ଧକାଳୀନ ନିୟନ୍ତ୍ରଣ କକ୍ଷ (ୱାର୍ ରୁମ୍) ସକ୍ରିୟ କରାଯାଇଥିବାବେଳେ, ସମସ୍ତ ମଣ୍ଡଳ ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ସମ୍ଭାବ୍ୟ ବିପଦପ୍ରବଣ ସ୍ଥାନଗୁଡ଼ିକରେ ରେଳପଥ ଯାଞ୍ଚ ବୃଦ୍ଧି କରାଯିବା ସହ ଅତିରିକ୍ତ ପାଟ୍ରୋଲମ୍ୟାନ୍ ଓ ୱାଚମ୍ୟାନ୍ ନିୟୋଜିତ କରାଯାଇଛି। ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ବେଦନଶୀଳ ରେଳଖଣ୍ଡଗୁଡ଼ିକର ତଦାରଖ ନିମନ୍ତେ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ମୌସୁମୀକାଳୀନ ରିଜର୍ଭ ଟ୍ରେନ୍, ଡିଜେଲ ଲୋକୋମୋଟିଭ୍, ଟାୱାର ୱାଗନ୍, ଭାରୀ ଯନ୍ତ୍ରପାତି, ଇଞ୍ଜିନିୟରିଂ ଉପକରଣ ଓ ପୁନରୁଦ୍ଧାର ସାମଗ୍ରୀକୁ ରଣନୈତିକ ସ୍ଥାନଗୁଡ଼ିକରେ ପ୍ରସ୍ତୁତ ରଖାଯାଇଛି।

### ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ...

## ମିଳିତ ସହଯୋଗ ଜରୁରୀ: ମନମୋହନ ସାମଲ



ଭୁବନେଶ୍ୱର, ୨୭/୧୦(ନିପ୍ର): ରାଜ୍ୟରେ ଆସନ୍ତା ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା 'ଅର୍ଣ୍ଣବ'ର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଜଟିଳ ସମୟରେ ଜନସାଧାରଣ ଆଦୌ ଭୟଭୀତ କିମ୍ବା ଆତଙ୍କିତ ନହୋଇ ସତର୍କ ରହିବାକୁ ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜ୍ୟ ସଭାପତି ମନମୋହନ ସାମଲ ଜନସାଧାରଣ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରିଛନ୍ତି । ପ୍ରଶାସନ ଦ୍ୱାରା ସମୟ ସମୟରେ ଜାରି କରାଯାଉଥିବା ସମସ୍ତ ସତର୍କତା ସୂଚନା ଏବଂ ଜରୁରୀ ପରାମର୍ଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ଏକ ପ୍ରେସ୍ ବିବୃତି ଜରିଆରେ ଶ୍ରୀ ସାମଲ ପ୍ରକାଶ କରିଛନ୍ତି ଯେ, ଯେକୌଣସି ବଡ଼ ପ୍ରାକୃତିକ ଦୁର୍ବିପାକର ସଫଳ ମୁକାବିଲା ପାଇଁ ସମସ୍ତ ବର୍ଗଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ତେଣୁ ସରକାରଙ୍କ ସୁରକ୍ଷା ନିର୍ଦ୍ଦେଶକୁ ମାନି ବିପଦସଙ୍କୁଳ ତଥା ତଳିଆ ଅଞ୍ଚଳରୁ ନିରାପଦ ସ୍ଥାନ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେବାରେ ସମସ୍ତେ ପ୍ରଶାସନକୁ ସହଯୋଗ କରିବା ଉଚିତ୍ । ରାଜ୍ୟ ସରକାର ସର୍ବଦା ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛନ୍ତି ଏଥିସହିତ ବିଜେପିର ସମସ୍ତ କର୍ମୀ, ସ୍ୱେଚ୍ଛାସେବୀ ଓ ପଦାଧିକାରୀମାନଙ୍କୁ ନିଜ ନିଜ ଅଞ୍ଚଳରେ ସମ୍ପୂର୍ଣ୍ଣ ସଜାଗ ରହିବାକୁ ସଭାପତି ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ବିପନ୍ନମାନଙ୍କ ପାଇଁ ଜରୁରୀ ଉଦ୍ଧାର କାର୍ଯ୍ୟ, ଶୁଖିଲା ଓ ରନ୍ଧା ଖାଦ୍ୟ ସମେତ ରିଲିଫ୍ ବଣ୍ଟନ ଏବଂ ପ୍ରଭାବିତ ଲୋକଙ୍କ ନିକଟରେ ସମସ୍ତ ଆବଶ୍ୟକୀୟ ଜରୁରୀ ସହାୟତା ପହଞ୍ଚାଇବା ପାଇଁ ସେ ଦଳୀୟ କର୍ମୀମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି । ଆମେ ସମସ୍ତେ ମିଳିତ ହୋଇ ଏହି ପ୍ରାକୃତିକ ସଙ୍କଟର ସାମ୍ନା କରିବାରେ ସଫଳ ହେବା ବୋଲି ଶ୍ରୀ ସାମଲ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ।

## ବନ୍ତରେ ମା' ଗଜଲକ୍ଷ୍ମୀ ପୂଜା: ମଣ୍ଡପ ବୁଲିଲେ ବିଧାୟକ

ଭଦ୍ରକ, ୨୭/୧୦(ନିପ୍ର): ଭଦ୍ରକ ଜିଲ୍ଲା ବନ୍ତ ଅଞ୍ଚଳରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀ ପୂଜା ଅତ୍ୟନ୍ତ ଧୁମଧାମରେ ପାଳିତ ହେଉଛି। ଆଲୋକମାଳା ଓ ଆକର୍ଷଣୀୟ ତୋରଣରେ ବନ୍ତ ବଜାର ପ୍ରକମ୍ପିତ ହେଉଥିବା ବେଳେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଛି । ଆଜି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ଏହି ଏକତା ଓ ସୁନ୍ଦର ଭାଇଚାରାର ପରମ୍ପରାକୁ ପ୍ରଶଂସା କରିବା ସହ କମିଟିକୁ ସେ ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ।

## ସଡ଼କ ଦୁର୍ଘଟଣା: ଚାଳକ ମୃତ

କୁଚିଣ୍ଡା, ୨୭/୧୦(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ୫୩ ନମ୍ବର ଜାତୀୟ ରାଜପଥ ଫାୟାର ଷ୍ଟେସନ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରଲର ଓ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ପିକଅପ୍ ଚାଳକ ଛତିଶଗଡ଼ର ପି. ଶଙ୍କର ରାଓ(୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଅଗ୍ନିଶମ ବାହିନୀ ଗୁରୁତର ଆହତ ଟ୍ରଲର ଚାଳକ ତଲିମ ଖାନଙ୍କୁ ଉଦ୍ଧାର କରି ବୁର୍ଲା ମେଡ଼ିକାଲ ପଠାଇଛି ।

### ଏମସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ

## କର୍ମଚାରୀଙ୍କୁ ସତ୍ୟନିଷ୍ଠାର ଶପଥ



**ସମ୍ବଲପୁର, ୨୭/୧୦(ନିପ୍ର):** ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ "ସତ୍ୟନିଷ୍ଠାରୁ ସମୃଦ୍ଧି" ବିଷୟବସ୍ତୁକୁ ଆଧାର କରି ସତର୍କତା ସଚେତନତା ସପ୍ତାହ-୨୦୨୬ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଏହି ଅଭିଯାନ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ଦିବସରେ କମ୍ପାନୀର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ମୁଖ୍ୟ ସତର୍କତା ଅଧିକାରୀ ସମ୍ବୀତ ସୌରଭ ନାୟକ ଏବଂ ମାନବ ସମ୍ବଳ ନିର୍ଦ୍ଦେଶକ ରେଖା ପାଣ୍ଡେଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଯାଇଥିଲା । ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଏକ ସତର୍କତା ରଥର ଶୁଭାରମ୍ଭ କରାଯାଇଛି । ମଙ୍ଗଳବାର ମୁଖ୍ୟ ସତର୍କତା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ 'ବିଡର୍ସ ମିଟ୍' (ଟେଣ୍ଡରଦାତା ବୈଠକ) ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ୱଚ୍ଛତା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ଏହା ସହିତ ଏକ ସାଇକ୍ଲୋଥନ୍ (ସାଇକେଲ୍ ରାଲି) ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରାୟ ୨୫୦ ଜଣ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ । ସପ୍ତାହବ୍ୟାପୀ ଏମସିଏଲର ସମସ୍ତ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଜନ-ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

## ଜୀବନ ସହ ସୁରକ୍ଷିତ ରହୁ ବିକାଶ: ପିକେ ମିଶ୍ର



ନୂଆଦିଲ୍ଲୀ, ୨୭/୧୦: କେବଳ ଜୀବନ ବଞ୍ଚାଇବା ନୁହେଁ, ବିପର୍ଯ୍ୟୟ ପରେ ଦେଶର ଭିତ୍ତିଭୂମି, ଅର୍ଥନୀତି ଓ ବିକାଶକୁ ସୁରକ୍ଷିତ ରଖିବା ଉପରେ ଏବେ ଗୁରୁତ୍ୱ ଦେବାକୁ ପଡ଼ିବ। ବିପର୍ଯ୍ୟୟ ଜନିତ ଆର୍ଥିକ କ୍ଷତିକୁ ହ୍ରାସ କରିବା ସହ ଦୀର୍ଘମିଆଦୀ ପ୍ରସ୍ତୁତି ଓ ଆଧୁନିକ ପ୍ରଯୁକ୍ତିର ବ୍ୟବହାର ଜରୁରୀ। ଏଭଳି ମତ ରଖିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡକ୍ଟର ପି.କେ. ମିଶ୍ର। ନୂଆଦିଲ୍ଲୀରେ ମିଳିତ ଜାତିସଂଘର ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ସେ ଏହି ମତ ରଖିଛନ୍ତି। ଭାରତ ଓ ବ୍ରିଟେନ୍‌ର ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱସ୍ତରରେ ବଢୁଥିବା ବିପର୍ଯ୍ୟୟ ବିପଦ ଓ ଏହାର ମୁକାବିଲା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା। ଡକ୍ଟର ମିଶ୍ର କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ, ଭିତ୍ତିଭୂମିର ସମ୍ପ୍ରସାରଣ ଓ ପରିବେଶର ଅବକ୍ଷୟ ପରସ୍ପର ସହ ଜଡ଼ିତ। ଏହି କାରଣରୁ ବିପର୍ଯ୍ୟୟର ବିପଦ ଦିନକୁ ଦିନ ଜଟିଳ ହେଉଛି। ପୂର୍ବ ସତର୍କ ସୂଚନା, ବିପର୍ଯ୍ୟୟ ପ୍ରସ୍ତୁତି ଓ ଜରୁରୀକାଳୀନ ପଦକ୍ଷେପ ଦ୍ୱାରା ଅନେକ ଜୀବନ ବଞ୍ଚାଯାଇପାରିଛି। କିନ୍ତୁ ଆର୍ଥିକ କ୍ଷତି ଏବେ ବି ଚିନ୍ତାଜନକ। ତେଣୁ ବିଭାଗୀୟ ସୀମା ମଧ୍ୟରେ ରହି କାମ କରିବା ପରିବର୍ତ୍ତେ ସମସ୍ତ ବିଭାଗ ମିଳିତ ଭାବେ ବିପଦର ମୁକାବିଲା କରିବା ଆବଶ୍ୟକ।

## ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ମହିଳାଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର, ୨୭/୧୦(ନିପ୍ର):** ରାଜଧାନୀର ଦୁଇଟି ସ୍ଥାନରେ ଅବକାରୀ ଚଢ଼ାଉ, ୨୫ ଲକ୍ଷରୁ ଅଧିକ ଟଙ୍କାର ବ୍ରାଉନସୁଗର ଜବତ, ମହିଳାଙ୍କ ସମେତ ୨ ଗିରଫ । ରାଜଧାନୀରେ ପୃଥକ ସ୍ଥାନରେ ଅବକାରୀ ଟିମ୍ ଚଢ଼ାଉ କରି ବ୍ରାଉନସୁଗର କାରବାର ଉପରେ ମଙ୍ଗଳବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ୨୫୦ ଗ୍ରାମରୁ ଅଧିକ ଟଙ୍କାର ବ୍ରାଉନସୁଗର ଜବତ ହୋଇଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଛି । ଜବତ ବ୍ରାଉନସୁଗରର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଭୁବନେଶ୍ୱର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଗୋଟିଏ ସ୍ଥାନରୁ ୨୧୦ ଗ୍ରାମ ଏବଂ ଅନ୍ୟ ଏକ ସ୍ଥାନରୁ ୪୩ ଗ୍ରାମର ଧଳାଜହର ଜବତ କରାଯାଇଛି । ଏନେଇ ପୃଥକ ମାମଲା ରୁଜୁ କରାଯାଇଛି ।

## ବାତ୍ୟା ଅର୍ଣ୍ଣବ ପ୍ରଭାବ: ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ

ପୁରୀ/ପାରଳାଖେମୁଣ୍ଡି/ଆସିକା, ୨୭।୧୦(ନିପ୍ର):ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପୁରୀରେ ପ୍ରବଳ ବର୍ଷା ଲାଗି ରହିଛି। ଏଣୁ ସମୁଦ୍ର ଅଶାନ୍ତ ରହିଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସମୁଦ୍ର ସ୍ନାନ ଉପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ଥିବା ବେଳେ ବହୁତ୍ ବଡ ବଡ଼ ଲହଡ଼ି ଆସୁଛି। ମୋଟ ୯୩ ଜଣ ଲାଇଫ ଗାର୍ଡ ପୁରୀ ବେଳାଭୂମିରେ ୧୬ ସେକ୍ଟରରେ ମୁତୟନ ଅଛନ୍ତି।୨୭ ଓ୨୮ ତାରିଖ ଦୁଇ ଦିନ ସମ୍ପୂର୍ଣ ବେଳାଭୂମିକୁ ଆଲର୍ଟ ରେ ରଖାଯାଇଛି। ଗଜପତି ଜିଲ୍ଲାର ୧୦,୨୦୦ ଲୋକ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ସହ ଲୋକଙ୍କ ସୁରକ୍ଷା ହେଉଛି ଆମର ପ୍ରାଥମିକତା ବୋଲି ଏଠାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଆୟୋଜିତ ବୈଠକରେ ଗଜପତି ଜିଲ୍ଲାର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଆସିକା ବ୍ଲକ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆସିକା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଛି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି ଓ ଜରୁରୀକାଳୀନ ସେବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଟୁଲୀ ଆତ୍ମା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସିକା ବିଡିଓ ରାଜେନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ଅମରେଶ ପଟ୍ଟନାୟକ ଓ ଶୁଭଦର୍ଶିନୀ, ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାତ୍ୟା ମୁକାବିଲା ପାଇଁ ଖରିଆ ଓ ଖଣ୍ଡଦେଉଳିଠାରେ ଦୁଇଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ସହ ଜରୁରୀକାଳୀନ ରହଣି ପାଇଁ ଦୁଇଟି କେନ୍ଦ୍ର ପ୍ରସ୍ତୁତ ରଖାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PHULBANI

25001/1387/2627

No. 5767 //RWDP Dated. 26-10-2026

2nd Corrigendum of Online Tender/06/SERWD PHULBANI/2026-27

1) The partial modification of Building works vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | 04.11.2026 to 17.11.2026 upto 5.00 PM instead of 23.10.2026 to 05.11.2026 upto 5.00 PM. |
| 2 | Last Date & Time of seeking tender clarification | : | 16.11.2026 at 5.00 instead of 4.11.2026 at 5.00 PM. |
| 3 | Date of opening | : | 18.11.2026 at 11.00 AM instead of 06.11.2026 at 11.00 AM |

All other contents will remain unchanged.

Superintending Engineer,
Rural Works Division, Phulbani

OIPR 25001/25077/1/26-27/0013

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ